ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.205 Bhubaneswar Friday, October 01, 2021 | ୨୪ତମ ବର୍ଷ ସଂଖ୍ୟା-୨୦୫ ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୦୧, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS



ନୂଆଦିଲ୍ଲୀଠାରେ କେନ୍ଦ୍ର ଜଳ ଶକ୍ତି ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରୀ ପ୍ରହଲ୍ଲାଦ ସିଂ ପଟେଲ ନ୍ୟାସେନାଲ ଗ୍ୟାଲେରି ଅଫ୍ ମଡ଼ର୍ଣ୍ଣ ଆର୍ଟ ପରିଦର୍ଶନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଦାନ କରାଯାଇଥିବା ସ୍ମରଣୀୟ ଉପହାରର ତୃତୀୟ ପାଳି ଇ-ଲିଲାମର ସମୀକ୍ଷା କରୁଛନ୍ତି

# ଟ୍ୱିନ୍ ସିଟିରେ ରାତି ୮ରୁ ନାଇଟ୍ କର୍ଫ୍ୟୁ

## ଅକ୍ଟୋବର ୧୧ରୁ ୨୦ ଯାଏଁ ଭୁବନେଶ୍ୱର ଓ କଟକରେ ରାତି ୮ଟାରୁ ସକାଳ ୫ଟା ପର୍ଯ୍ୟନ୍ତ କର୍ଫ୍ୟୁ

ଭୁବନେଶ୍ୱର, ୩୦।୯(ପି.ଏନ): ରାଜ୍ୟରେ କରୋନା ସଂକ୍ରମଣ ହ୍ରାସ ପାଉଥିଲେ ହେଁ ପାର୍ବଣ ସମୟକୁ ଦୃଷ୍ଟିରେ ରଖି ଟ୍ୱିନ୍ ସିଟିରେ ନାଇଟ୍ କର୍ଫ୍ୟୁ ପୁଣି ଫେରିଛି। ରାଜ୍ୟ ସରକାର ଅକ୍ଟୋବର ମାସ ପାଇଁ କୋଭିଡ-୧୯ ଗାଇଡଲାଇନ୍ ଜାରି କରିଛନ୍ତି। ନୂଆ ଗାଇଡ୍ ଲାଇନ୍ ଅନୁଯାୟୀ ରାଜ୍ୟର ସହରାଂଚଳରେ ସେପ୍ଟେମ୍ବର ମାସ ଭଳି ରାତି ୧୦ଟାରୁ ସକାଳ ୫ଟା ରାତ୍ରିକାଳୀନ କର୍ଫ୍ୟୁ ବଳବତର ରହିବ। ତେବେ ଭୁବନେଶ୍ୱର-କଟକରେ ଅକ୍ଟୋବର ୧୧ରୁ ୨୦ ତାରିଖ ପର୍ଯ୍ୟନ୍ତ ରାତି ୮ଟାରୁ ସକାଳ ୫ଟା ରାତ୍ରିକାଳୀନ କର୍ଫ୍ୟୁ ଜାରି ରହିବ। ଏହାସହିତ ପାର୍ବଣ ମାସରେ ରାଜ୍ୟ ତମାମ ବାଣ ବିକ୍ରି ଓ ଫୁଟାଇବା ଉପରେ କଟକଣା ଜାରି ହୋଇଛି। ଅକ୍ଟୋବର ୧ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଏହି କଟକଣା ବଳବତର ରହିବ। ସ୍ୱତନ୍ତ୍ର ରିଲିଫ କମିସନର ପ୍ରଦୀପ କୁମାର ଜେନା ଏହି ସୂଚନା ଦେଇଛନ୍ତି।ସେ କହିଛନ୍ତି ଯେ ଏହି ନାଇଟକର୍ଫ୍ୟୁ ସମୟରେ ସମସ୍ତ ପ୍ରକାରର ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିବ। କେବଳ ଔଷଧ ଦେକାନ, ଚଷମା ଦେକାନ ଆଦି ଖୋଲା ରହିବ । ଖାଦ୍ୟ ସାମଗ୍ରୀର ହୋମ୍ ଡେଲିଭରି ପାଇଁ ଅନୁମତି ରହିବ । କୋଭିଡ୍ ପରୀକ୍ଷା, କୋଭିଡ୍ ଟିକା କେନ୍ଦ୍ରକୁ ଯିବା ସମେତ ସମସ୍ତ ପ୍ରକାରର ଘରୋଇ ଓ ସରକାରୀ ଅତ୍ୟାବଶ୍ୟକ ସେବା ସହ ଜଡ଼ିତ ସେବା ପାଇଁ ଅନୁମତି ମିଳିବ। ଘରୋଇ ଚାରିଚକିଆ ଓ ଦୁଇଚକିଆ ଯାନ ଚଳାଚଳ, ଅଟୋ ରିକ୍ସା ଓ କ୍ୟାବ୍ ସର୍ଭିସ ଆଦିକୁ ବସଷ୍ଟାଣ୍ଡ, ରେଳଷ୍ଟେସନ, ଏୟାରପୋର୍ଟ କୁ ନେବା ଆଣିବା ନିମନ୍ତେ ଅନୁମତି ମିଳିବ। ନାଇଟ୍ କର୍ଫ୍ୟୁ ସମୟରେ ଭୁବନେଶ୍ୱର ଓ କଟକର ପୁଲିସ କମିଶନର, ମହାନଗର ନିଗମ କମିଶନର ଅବା ଜିଲ୍ଲାପାଳ ଚାହିଁଲେ ଲୋକଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଅତିରିକ୍ତ ପ୍ରତିଷେଧକ ପଦକ୍ଷେପ ନେଇପାରିବେ ବୋଲି ଏସଆରସି କହିଛନ୍ତି।ସେ କହିଛନ୍ତି କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ସମସ୍ତ ରାଜ୍ୟକୁ ଅନୁରୋଧ କରି ପରାମର୍ଶ ଦେଇଛନ୍ତି ଯେ, ପାର୍ବଣ ଋତୁରେ ସମସ୍ତେ ନିରାଡମ୍ବର ଭାବେ କୋଭିଡ ନିୟମ ପାଳନ କରିବା। ସରକାରଙ୍କ ନିର୍ଦ୍ଦେଶ ପାଳନ କଲେ କୋଭିଡ-୧୯ ସଂକ୍ରମିତ ହାର ହ୍ରାସ କରିପାରିବା। ସେହିଭଳି କୋଭିଡର ୩ୟ ଲହରକୁ ନିୟନ୍ତ୍ରିତ କରିପାରିବ। ହରିଦ୍ୱାରରେ କୁମ୍ଭମେଳା ଓ କେରଳରେ ଓନାମ ପର୍ବକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଅନେକ ଥର ନିବେଦନ କରିଛନ୍ତି ଯେ, ପାର୍ବଣରେ ସତର୍କ ରହିବା। ଘର ଭିତରେ ପାଳନ କରିବା, ବାହାରେ ଭିଡ କରିବା ନାହିଁ ବୋଲି ଶ୍ରୀ ଜେନା କହିଛନ୍ତି।କୋଭିଡ-୧୯ ମୁକାବିଲା କରିବା ପାଇଁ ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା ଓ ହାତ ଧୋଇବା ହେଉଛି ସବୁଠାରୁ ବଡ଼ ଅସ୍ତ୍ର। ସେ କହିଛନ୍ତି ଯେ, ଆଜି (ସେପ୍ଟେମ୍ବର ୩୦) ଦେଶରେ ୨୩ ହଜାରରୁ ଉର୍ଦ୍ଧ୍ୱ କୋଭିଡ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏବେ ଦେଶରେ ୨ଲକ୍ଷ ୭୭ ହଜାରରୁ ଅଧିକ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି। ଏଥିରୁ କେରଳରେ କେବଳ ୧ଲକ୍ଷ ୪୦ ହଜାର ଥିବା ବେଳେ ମହାରାଷ୍ଟ୍ରରେ ପାଖାପାଖି ୪୦ ହଜାର ଅଛନ୍ତି। ଓଡ଼ିଶାରେ ଆଜି ୬୦୨ କୋଭିଡ ରୋଗୀ ଚିହ୍ନଟ ହୋଇଛନ୍ତି। ଏଥି ସହିତ ରାଜ୍ୟରେ ଏବେ ୫୬୪୨ ଜଣ ସକ୍ରିୟ କରୋନା ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି। ଦେଶର ୧୮ଟି ଜିଲ୍ଲାରେ ୫ରୁ ୧୦ ପ୍ରତିଶତ କୋଭିଡ ରୋଗୀ ଅଛନ୍ତି। ସଂକ୍ରମଣ ହାର ନ କମିଲେ ତାହା ଆମ ପାଇଁ ଚିନ୍ତାର କାରଣ ହେବ। ଗତକିଛି ସପ୍ତାହ ଠାରୁ ପାର୍ବଣ ଋତୁ ଆରମ୍ଭ ହୋଇଯାଇଛି। ପାର୍ବଣ ସମୟରେ ଲୋକେ ଏକାଠି ହୋଇଥାନ୍ତି। ଜନସମାବେଶ ହୁଏ, ପରିବାର ଲୋକେ ଏକାଠି ହୁଅନ୍ତି। ଲୋକେ କୋଭିଡ ପାଳନ କରିପାରି ନଥାନ୍ତି। ତେଣୁ ଏହି ସମୟରେ ସତର୍କ ରହିବାକୁ ହେବ।

# ପିପିଲି ଉପ ନିର୍ବାଚନ : ଅପରାହ୍ନ ୫ଟା ସୁଦ୍ଧା ୬୮.୪୦ % ମତଦାନ

ଭୁବନେଶ୍ୱର, ୩୦।୯(ପି.ଏନ): ପିପିଲି ଉପନିର୍ବାଚନ ଲାଗି ମତଦାନ ପ୍ରକ୍ରିୟା ଜାରି ରହିଛି। ସନ୍ଧ୍ୟା ୫ଟା ସୁଦ୍ଧା ୬୮.୪୦ ପ୍ରତିଶତ ଭୋଟ୍ ଗ୍ରହଣ ହୋଇଛି । ମତଦାନ ହୋଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ ଲୋହାନୀ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ କୌଣସି ସ୍ଥାନରେ ଅପ୍ରୀତିକର ପରିସ୍ଥିତି ଉପୁଜିନାହିଁ। ମତଦାନ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ମକ୍ ଡ୍ରିଲ୍ କରାଯାଇଥିଲା।ଏଠାରେ ଉଲ୍ଲେଖ କରା ଯାଇ ପାରେ ଯେ ପିପିଲି ଉପନିର୍ବାଚନ ପାଇଁ ଆଜି କୋଭିଡ୍ କଟକଣା ମଧ୍ୟରେ ସକାଳ ୭ଟାରୁ ମତଦାନ ପକ୍ରିୟା ଆରମ୍ଭ ହୋଇଛି। ପୂର୍ବାହ୍ନ ୯ଟା ସୁଦ୍ଧା ୭.୮% ମତଦାନ ହୋଇଥିବା ବେଳେ ୧୧ଟା ସୁଦ୍ଧା ୨୪.୭୬ ପ୍ରତିଶତ ,.ଅପରାହ୍ନ ୧ ଟା ସୁଦ୍ଧା ୪୫.୩୨% ଓ ଅପରାହ୍ନ ୩ ଟା ସୁଦ୍ଧା ୫୯.୭୨% ମତଦାନ ହୋଇଛି। ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ହେବ। ପିପିଲି ବ୍ଲକ୍ ର ସମୁଦାୟ ୧୯୯ଟି ବୁଥ୍ ଓ ଡେଲାଙ୍ଗ ବ୍ଲକ୍ ର ୧୪୯ଟି ବୁଥ୍ ରେ ମତଦାନ ଜାରି ରହିଛି। ୧,୧୯,୨୦୬ ଜଣ ପୁରୁଷ ଭୋଟର ଓ ୧,୧୦,୭୯୦ଜଣ ମହିଳା ଭୋଟର ସେମାନଙ୍କର ମତଦାନ ସାବ୍ୟସ୍ତ କରିବେ। ଏହାବାଦ୍ ୨ ଜଣ ତୃତୀୟ ଲିଙ୍ଗ ଓ ୩୨୧ଜଣ ସର୍ଭିସ୍ ଭୋଟର୍ ମଧ ଭୋଟ୍ ଦେବେ।

**WANTED**

**Paryabekhyak** and **The Kalinga Chronicle Group** urgently need **Advertisement Executives** & **Accountants** for Bhubaneswar office. Any Graduate with Minimum 3 to 5 years experience in Advertising, Space Marketing for Advertisement Executives and B Com with knowledge in accounting (Tally) with 3 to 5 years experience for Accountants. Mail your resume within fifteen days to paryabekhyak@gmail.com & kalingachronicle@gmail.com
9853400829 (Whatsapp)

## ହାଇକୋର୍ଟରେ ୪ ବିଚାରପତିଙ୍କୁ ନିଯୁକ୍ତି

ଭୁବନେଶ୍ୱର, ୩୦।୯(ପି.ଏନ): ଓଡ଼ିଶା ହାଇକୋର୍ଟ ପାଇଁ ଚାରି ଜଣ ନୂଆ ବିଚାରପତିଙ୍କୁ ନିଯୁକ୍ତି ମିଳିଛି। ଦୁଇ ଜଣ ଆଡ୍ ଭୋକେଟ୍ ଆଦିତ୍ୟ କୁମାର ମହାପାତ୍ର ଓ ମୃଗାଙ୍କ ଶେଖର ସାହୁ ଏବଂ ଦୁଇ ଜଣ ଜୁଡ଼ିସିଆଲ ଅଫିସର ରାଧାକୃଷ୍ଣ ପଟ୍ଟନାୟକ ଓ ଶଶିକାନ୍ତ ମିଶ୍ରଙ୍କୁ ନିଯୁକ୍ତି ପ୍ରସ୍ତାବକୁ ସୁପ୍ରିମ୍ କୋର୍ଟ କଲେଜିୟମ୍ ମଂଜୁରୀ ଦେଇଛି ।ଗତକାଲି ସୁପ୍ରିମ୍‌କୋର୍ଟ କଲେଜିୟମ୍ ର ଏକ ବୈଠକ ବସିଥିଲା। ଏହି ବୈଠକରେ ଏହି ଚାରି ଜଣଙ୍କୁ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ଦେବାକୁ ଆସିଥିବା ପ୍ରସ୍ତାବକୁ ମଞ୍ଜୁରୀ ଦିଆଯାଇଥିଲା।

## ପାର୍ବଣ ସମୟରେ ବଢିପାରେ ସଂକ୍ରମଣ, ସତର୍କ ରହିବାକୁ ଡିଏମଇଟିଙ୍କ ପରାମର୍ଶ

ଭୁବନେଶ୍ୱର, ୩୦।୯(ପି.ଏନ): ପାର୍ବଣ ସମୟରେ ଭିଡକୁ ଦୃଷ୍ଟିରେ ରଖି କୋଭିଡ଼ ସଂକ୍ରମଣ ବଢ଼ିପାରେ। ସେ ନେଇ ସଚେତନ ହେବା ଆବଶ୍ୟକ । ତେଣୁ ସମସ୍ତେ କୋଭିଡ୍ ମାର୍ଗ ଦର୍ଶିକା ପାଳନ କରିବାକୁ ପରାମର୍ଶ ଦେଇଛନ୍ତି ଡିଏମଇଟି ସିବିକେ ମହାନ୍ତି ।ସେ କହିଛନ୍ତି ଯେ ସାମାଜିକ ଦୂରତା ରକ୍ଷା କରିବା ଓ ଭିଡକୁ ଯିବାରୁ ବିରତ ହେବା। ରାଜନୈତିକ ଉତ୍ସବ ଓ ପାର୍ବଣକୁ ଯାଇ ଅଯଥା ଭିଡ଼ କରନ୍ତୁ ନାହିଁ। ପାର୍ବଣ ପାଇଁ ଟେଷ୍ଟ, ଟ୍ରେସିଂ ଓ ଟ୍ରିଟମେଂଟକୁ ବଢ଼ାଯାଉଛି । ଯାହାର କିଛି ବି ଲକ୍ଷଣ ପ୍ରକାଶ ପାଉଛି ସେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକର୍ମୀଙ୍କୁ ଜଣାନ୍ତୁ । ସେମାନଙ୍କ ପାଇଁ ଟେଷ୍ଟର ସୁବିଧା କରାଯିବ। ଏହାସହ ଟିକା ସମସ୍ତେ ନେବା ଆବଶ୍ୟକ। ଏମିତି କି ପ୍ରଥମ ଡୋଜ ଟିକା ନେଲା ପରେ ଦ୍ୱିତୀୟ ଡୋଜ ଟିକା ନେବା ନିଶ୍ଚୟ ଆବଶ୍ୟକ ରହିଛି। ବୁଷ୍ଟର ଡୋଜ ନେବା ପର କଥା ।

# ଗୋଟିଏ ଦିନରେ ୬୦୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୩୦।୯(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୬୦୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୨୬୪୭୬ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୯୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୧୨ ହଜାର ୫୮୩ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୬୪୨ ରହିଛି । ଆଜି ଚିହ୍ନଟ ହୋଇଥିବା ୬୦୨ ଜଣଙ୍କ ମଧ୍ୟରୁ ୩୫୩ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୪୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୪ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୨୮୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ୨,ଭଦ୍ରକରୁ ୫ ଜଣ ସଂକ୍ରମିତ ହୋଇଥିବା ବେଳେ ବଲାଙ୍ଗୀର ଓ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୫୪ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ୧ ସଂକ୍ରମିତ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୧୪ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଂଜାମ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୮ ଜଣ, ଯାଜପୁରରୁ ୨୪ ଜଣ ସଂକ୍ରମିତ ହୋଇଥିବା ବେଳେ , ଝାରସୁଗୁଡ଼ାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କନ୍ଧମାଳ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦ୍ରାପଡ଼ାରୁ ୬ ଜଣ, କେନ୍ଦୁଝରରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧାରୁ ୨୮୩ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟ ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୂରଭଞ୍ଜରୁ ୩୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ଼ରୁ ୧ ଜଣ ଓ ନୂଆପଡ଼ାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀରୁ ୨୧ ଜଣ, ରାୟଗଡ଼ାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୧୩, ସୋନପୁରରୁ ୧ , ସୁନ୍ଦରଗଡ଼ରୁ ୯ ଜଣ ଓ ଷ୍ଟେଟ୍ ପୁଲରୁ ୬୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

# ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୩୦।୯(ପି.ଏନ): ଉତର-ପଶ୍ଚିମ ଝାଡ଼ଖଣ୍ଡ ଏବଂ ଏହାର ଆଖପାଖ ଅଂଚଳ ଉପରେ ଥିବା ଲଘୁଚାପ କ୍ଷେତ୍ର ବର୍ତମାନ ଉତର ଝାଡଖଣ୍ଡ ଏବଂ ବିହାର ଉପରେ ରହିଛି। ଏହି ଘୂର୍ଣ୍ଣିବଳୟ ସମୁଦ୍ର ପତନଠାରୁ ୭.୬କିଲୋମିଟର ପର୍ଯ୍ୟନ୍ତ ବିସ୍ତାର ହୋଇଛି। ଏହାର ପ୍ରଭାବରେ ଓଡିଶାରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଫଳରେ ଉତର ଆଭ୍ୟନ୍ତରୀଣ ଓଡିଶାର ଅଧିକାଂଶ ସ୍ଥାନରେ ହାଲୁକା କିମ୍ବା ମଧ୍ୟମ ବର୍ଷା ସହ ବଜ୍ରପାତ ହୋଇଥିବା ବେଳେ ମୟୂରଭଞ୍ଜ, ପୁରୀ ଏବଂ ଜଗତସିଂହପୁର ଜିଲ୍ଲାର ଗୋଟେ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟର କିଛି ଜିଲ୍ଲାରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଂଟା ମଧ୍ୟରେ ଅର୍ଥାତ୍ ଶୁକ୍ରବାର ପୂର୍ବାହ୍ନ ରେ ନୂଆପଡା, ବଲାଙ୍ଗୀର, ସୋନପୁର, ବୌଦ୍ଧ, ବରଗଡ, ସମ୍ବଲପୁର, ଝାରସୁଗୁଡା, ଦେବଗଡ, ସୁନ୍ଦରଗଡ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି , ବିଜୁଳି ସହ ବର୍ଷା ହୋଇପାରେ। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧ରୁ ୨ ତାରିଖ ମଧ୍ୟରେ ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ , ଝାରସୁଗୁଡା,ବରଗଡ,ସମ୍ବଲପୁର, ଦେବଗଡ ଓ ଅନୁଗୁଳ ଜିଲ୍ଲାର ଗୋଟେ କିମ୍ବା ଦୁଇଟି ସ୍ଥାନରେ ହାଲୁକା ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକୁୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

# ଗାନ୍ଧୀ ଜୟନ୍ତୀରେ ଗ୍ରାମ୍ୟ ଅର୍ଥନୀତିକୁ ଆଗକୁ ନେବା ପାଇଁ ଭୋକାଲ୍ ଫର୍ ଲୋକାଲକୁ ମାଧ୍ୟମ କରିବା: ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର, ୩୦।୯(ପି.ଏନ): ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପୂଣ୍ୟ ଜନ୍ମ ଦିବସ ଅବସରରେ ସମସ୍ତେ ଗ୍ରାମ୍ୟ ଅର୍ଥନୀତିକୁ ଆଗକୁ ନେବା ପାଇଁ ଭୋକାଲ୍ ଫର୍ ଲୋକାଲକୁ ମାଧ୍ୟମ କରିବା ପାଇଁ ସଂକଳ୍ପ କରିବାକୁ ଗାନ୍ଧୀ ଜୟନ୍ତୀର ଅବ୍ୟବହିତ ପୂର୍ବରୁ ଏକ ଭିଡିଓ ବାର୍ତା ଜରିଆରେ ଜନସାଧାରଣଙ୍କୁ ଆହ୍ୱାନ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ସତ୍ୟନିଷ୍ଠ, ସାଧୁତା, କରୁଣା ତଥା ମାନବିକତାର ମୂର୍ତିମନ୍ତ ପ୍ରତୀକ ହେଉଛନ୍ତି ମହାତ୍ମା ଗାନ୍ଧୀ। ଆମେ ଏହି ମହାନ ଯୁଗପୁରୁଷ ତଥା ଅହିଂସାର ପୂଜାରୀ ଗାନ୍ଧିଜୀଙ୍କ ଜନ୍ମ ଜୟନ୍ତୀ ଆସନ୍ତା ୨ ତାରିଖରେ ପାଳନ କରିବା। ଆମ ପାଇଁ ଖୁସିର ମୁହୂର୍ତ ଯେ, ୨୦୨୧ ହେଉଛି ଗାନ୍ଧିଜୀଙ୍କ ଓଡ଼ିଶା ଆଗମନର ଶତବର୍ଷ ପୂର୍ତିର ପାବନ ଅବସର। ଏହି ଅବସର, ମହାତ୍ମା ଗାନ୍ଧିଜୀଙ୍କ ଶାନ୍ତି ଓ ଅହିଂସା ଆଧାରିତ ସମାଜ ଓ ରଚନାତ୍ମକ କାର୍ଯ୍ୟକୁ ନୂତନ ଏବଂ ବ୍ୟବହାରିକ ରୂପରେଖ ଦେବା ପାଇଁ ସୁଯୋଗ ଆଣିଦେଇଛି ।ପୂର୍ଣ୍ୟ ଜନ୍ମ ଦିବସ ଅବସରରେ ଆମେ ସମସ୍ତେ ଭୋକାଲ୍ ଫର୍ ଲୋକାଲକୁ ସମର୍ଥନ ଦେବା ଏବଂ ସ୍ଥାନୀୟ ଉଦ୍ୟମୀ, ବୁଣାକାର, ହସ୍ତଶିଳ୍ପ କାରିଗରଙ୍କ କଳାତ୍ମକ ଉତ୍ପାଦ କିଣିବା ଏବଂ ଅନ୍ୟ ମାନଙ୍କୁ କିଣିବାକୁ ପ୍ରୋତ୍ସାହିତ କରିବା। ଏହା ଆମର ସ୍ୱଭାବ ଏବଂ ଜୀବନ ଦର୍ଶନର ଅଂଶବିଶେଷ ହେଉ। ଏହା ହିଁ ହେବ ପ୍ରକୃତ ଜନସେବା ଏବଂ ଦେଶସେବା। ସେ କହିଛନ୍ତି ଯେ ଗାନ୍ଧିଜୀଙ୍କ ନେତୃତ୍ୱରେ ଭାରତବର୍ଷ ଅହିଂସା ମାଧ୍ୟମରେ ସ୍ୱାଧୀନତା ଲାଭ କରି ଏକ ନୂତନ ଯୁଗର ସୂତ୍ରପାତ କରିଥିଲା। ଭାରତ ସରକାର ସ୍ୱାଧୀନତା ସଂଗ୍ରାମର ଉଚ୍ଚ ଆଦର୍ଶ, ସ୍ୱାଧୀନତା ସଂଗ୍ରାମୀଙ୍କର ବୀରତ୍ୱପୂର୍ଣ୍ଣ ସଂଘର୍ଷ ଏବଂ ତ୍ୟାଗକୁ ସମ୍ମାନ ଜଣାଇ 'ଅମୃତ ମହୋତ୍ସବ'କୁ ଭବ୍ୟ ଭାବରେ ପାଳନ କରୁଛନ୍ତି ଯାହା ଯୁବପିଢ଼ିକୁ ଦେଶପ୍ରୀତିରେ ଅନୁପ୍ରାଣିତ କରିବ। ସେହିପରି ଗାନ୍ଧିଜୀଙ୍କ ସ୍ୱାଧୀନତା ସଂଗ୍ରାମ ଓ ରାଷ୍ଟ୍ର ନିର୍ମାଣ ଚିନ୍ତନରେ 'ଖଦୀ'ର ପ୍ରମୁଖ ଭୂମିକା ରହିଥିଲା। ୨୦୨୧ରେ ଖଦୀର ବ୍ୟାପକ ବ୍ୟବହାର ଦେଶର ପ୍ରଗତିରେ ପ୍ରମୁଖ ଅଂଶୀଦାର ଭାବେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିପାରିବ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କର ଭୋକାଲ୍ ଫର୍ ଲୋକାଲ ନୀତି ଗାନ୍ଧିଜୀଙ୍କ ଅର୍ଥନୈତିକ ଚିନ୍ତନର ବ୍ୟବହାରିକ ପ୍ରୟୋଗ। ଆମ ରାଜ୍ୟ ଓଡ଼ିଶାର ପ୍ରତ୍ୟେକଟି ଗାଁରେ କିଛି ନା କିଛି କଳାତ୍ମକ ହସ୍ତଶିଳ୍ପ ରହିଛି ଯାହା ଓଡ଼ିଆ ଜାତିକୁ ଅନନ୍ୟ ପରିଚୟ ଦେଇଛି। ଭୋକାଲ୍ ଫର୍ ଲୋକାଲ ଆମ ଗ୍ରାମାଂଚଳର ଆର୍ଥିକ ଅବସ୍ଥା ଏବଂ ଆତ୍ମନିର୍ଭରତାକୁ ସୁଦୃଢ଼ କରିବାର ଅନନ୍ୟ ପଦକ୍ଷେପ।ଓଡିଶାରେ ପ୍ରତ୍ୟେକ ଗାଁରେ କିଛି ନା କିଛି ନୂଆ ଜିନିଷ ତିଆରି ହେଉଛି । ପଟ୍ଟଚିତ୍ର, ହସ୍ତତନ୍ତ, ହସ୍ତଶିଳ୍ପ କିମ୍ବା ଅନ୍ୟାନ୍ୟ ଖାଦ୍ୟପଦାର୍ଥକୁ ସମସ୍ତେ ଜୀବନର ନିଜ ବ୍ୟବହାର୍ଯ୍ୟ ପାଇଁ କିଣିବା ଦରକାର । କରୋନା ମହାମାରୀ କାଳରେ ଅର୍ଥନୀତିକୁ ଗତି ଦେବା ପାଇଁ ଚଳିତ ପାର୍ବଣ ଋତୁରେ ଏହି ସବୁ ଉତ୍ପାଦ କିଣି ଗ୍ରାମ୍ୟ ଅର୍ଥନୀତିକୁ ମଜବୁତ୍ କରିବା ପାଇଁ ଯୋଗଦାନ ରଖିବା ଦରକାର । ଆସନ୍ତା ଗାନ୍ଧୀ ଜୟନ୍ତୀ ଅବସରରେ ଅନୁଗୁଳ ଆଠମଲ୍ଲିକ ସବଡିଭିଜନକୁ ଯାଇ ଗାଁର ଲୋକମାନଙ୍କ ଦ୍ୱାରା ହସ୍ତଶିଳ୍ପକୁ କିଣିବେ ବୋଲି ସେ କହିଛନ୍ତି । ଦେଶକୁ ନୂଆ ଉଚ୍ଚତାକୁ ନେବା ତଥା ପୂଜ୍ୟ ବାପୁଙ୍କୁ ସଠିକ୍ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ମହତ୍ୱ ଦେବା ପାଇଁ ଆଜିର ଦିନରେ ସଂକଳ୍ପ ହେଉ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।










# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟକ୍ରମ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଉଁଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତ୍ରୁଘ୍ନ ଶୃତକୀରଟିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା। ସେ ପୁରୁଷ ହୋଇଥିଲେ ମଧ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି। ଦର୍ଶକ ମଧ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି। ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି। ନୃତ୍ୟ ଶେଷରେ ମଧ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି। ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି। ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ। କଳାକ୍ରିଷ୍ଣା ମଧ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି। ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି। କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି। ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି। ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ। ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି। ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ। ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି।

## ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି। ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ। ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି। ଏହାର ବୀଜକୁ ଔଷଧ ରୂପେ ରଖାଯାଏ। ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ। ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇ ଥାଏ। ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ। ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ। ଦୁଦୁରା ଫଳର ଚୁର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙକ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ



ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି। କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି। ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି। ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ। ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ। ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି। ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି। ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ। ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ। ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାର୍ଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ। ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି। ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ। କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ। ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା। ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚର କରାଯିବ। ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ। ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ।

## 'କଫି'ର ଚିତ୍ରକର ଅମିତା





ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ ଅନେକ ଚିତ୍ର ଆଙ୍କିଛନ୍ତି। କଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।

## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ। ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ। ଏହା ମାଟିକୁ ଉର୍ବର କରେ।

-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ। ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ଅକ୍ଟୋବର ୦୧

# ସାମ୍ପ୍ରତିକ ସମୟବୋଧ



ଏକବିଂଶ ଶତକର ବିଶ୍ୱ ସମଗ୍ର ଜଗତ ପାଇଁ ଆଣିଛି ଏକ ଅବିଶ୍ୱାସନୀୟ ପରିବର୍ତ୍ତନ । ଜଗତୀକରଣର ଦୃଷ୍ଟିଭଙ୍ଗୀ ନେଇ ଆଜି ସମଗ୍ର ବିଶ୍ୱ ହୋଇଛି ଗୋଟିଏ ପରିବାର । ବୈଷୟିକ ଜ୍ଞାନର ବିକାଶ ଫଳରେ ପୃଥିବୀର କୋଣ ଅନୁକୋଣରେ ଘଟିଯାଉଥିବା ଘଟଣା ମୁହୂର୍ତ୍ତକ ଭିତରେ ସମଗ୍ର ବିଶ୍ୱକୁ ପ୍ରଭାବିତ କରିଛି । ପୃଥିବୀର ଯେକୌଣସି ଅଞ୍ଚଳରେ ଘଟୁଥିବା ଏକ ଆକସ୍ମିକ ବିପର୍ଯ୍ୟୟ ସମଗ୍ର ବିଶ୍ୱପାଇଁ ଆଣିଛି ସମାନ ଭାବରେ ଦୁଃଖଦ ସ୍ମୃତି । ଏପରିକି ବିଜ୍ଞାନର ଚରମ ଅଭ୍ୟୁଦୟ ଯେତିକି ଆଣିଛି ସମନ୍ୱୟ, ସେତିକି ବି ସୃଷ୍ଟି କରିଛି ବିପର୍ଯ୍ୟୟ । ଯାହାର ଜ୍ୱଳନ୍ତ ଉଦାହରଣ ସଂପ୍ରତି ଦେଖାଦେଇଥିବା ପରିସ୍ଥିତି ।

ପ୍ରକୃତପକ୍ଷେ କହିବାକୁ ଗଲେ ଆଜି ମଣିଷ ମୁହୂର୍ତ୍ତ ସର୍ବସ୍ୱ ମନସ୍ଥିତିକୁ ନେଇ କାଳ ଅତିବାହିତ କରୁଛି । ଅତୀତର ପ୍ରଲମ୍ବିତ ଯୁଗସର୍ବସ୍ୱ ମନୋବୃତ୍ତି ଆଜି ତିରୋହିତ । ଆଜି ମଣିଷ ପରିବର୍ତ୍ତିତ ପରିସ୍ଥିତି ସହ ସାଲିସ୍ କରିବାକୁ ବାଧ୍ୟ । ସାମ୍ପ୍ରତିକ କାଳରେ ଛଳନାମୟ ରାଜନୈତିକ ଯାତ୍ରା, ଫମ୍ପା ମୂଲ୍ୟବୋଧର ଜୟଗାନ, ମାନବୀୟ ଦୃଷ୍ଟିଭଙ୍ଗୀର ଅବମୂଲ୍ୟାୟନ ସହ ସମ୍ପର୍କ ଓ ସଂପ୍ରୀତିର ମୃତ୍ୟୁ ଘଟିଛି । ପ୍ରତିଷ୍ଠା ଓ ସ୍ୱୀକୃତି କାଙ୍ଗାଳ ମଣିଷ ବସ୍ତୁବାଦୀ ଦୃଷ୍ଟିକୋଣର ମୋହରେ ଆତ୍ମମଗ୍ନ ହୋଇଉଠିଛି । ଭୋଗସର୍ବସ୍ୱ ମନୋବୃତ୍ତି ଆଜି ମଣିଷକୁ ମଣିଷ ପାଖରେ ବିଭେଦର ରେଖା ଟାଣି ଠିଆ କରାଇଛି । ସଂପ୍ରତି ଏହି ସମସ୍ୟା କେବଳ ବ୍ୟକ୍ତିର ନୁହେଁ; ଏହା ହେଉଛି ସମୟର । ମଣିଷପଣିଆର ଡୋରି କ୍ରମେ ଶିଥିଳ ହେବାରେ ଲାଗିଛି । ଆଜି ପାରସ୍ପରିକ ସଂପ୍ରୀତି ଓ ସୌହାର୍ଦ୍ଦ୍ୟ ପରାହତ ହୋଇଛି । ଦେଶ ଠାରୁ ଆରମ୍ଭ କରି ବିଦେଶ ସର୍ବତ୍ର ଆଜି ମଣିଷ ଆପଣାର ପ୍ରାପ୍ତି ପାଇଁ; ନିଖିଳ ବିଶ୍ୱକୁ ଉପେକ୍ଷା କରିଚାଲିଛି ।

ଏ ପରିପ୍ରେକ୍ଷୀରେ କହିରଖେ; ବ୍ୟକ୍ତି ଏକ ବୃହତ୍ତର ପରିସରରେ ସଂଚରିତ ହେବାର ଅଭିପ୍ରାୟ ରଖି ସୃଷ୍ଟି କରିଛି ସମାଜ । ବୃହତ୍ତର ମଣିଷର ସ୍ୱାର୍ଥ ସିଦ୍ଧି ଏବଂ କଲ୍ୟାଣ ଉଦ୍ଦେଶ୍ୟରେ ସମାଜର ପରିକଳ୍ପନା । ସମାଜକୁ ଶୃଙ୍ଖଳିତ କରିବା ଏକ ସାମୂହିକ କଲ୍ୟାଣର ପ୍ରତିଫଳନ ମାତ୍ର । ନୀତି, ଆଦର୍ଶ, ଚଳଣି ଓ ବିଶ୍ୱାସ ବଞ୍ଚିବାର ମାର୍ଗ ଉପରେ ପର୍ଯ୍ୟବେସିତ । ସମୟର ଧାରାରେ କିନ୍ତୁ ଆଜି ମୂଲ୍ୟବୋଧ କ୍ରମଶଃ ଏକ କ୍ଷୟିଷ୍ଣୁ ପଥରେ ଗତି କରୁଛି । ଦିନେ ଉପନିଷଦୀୟ ଅଭିବ୍ୟକ୍ତର ମଣିଷ ଥିଲା ଅମୃତର ସନ୍ତାନ । ଏ ବିଶ୍ୱ ଏକ ମହତ୍ କାର୍ଯ୍ୟ ସମ୍ପାଦନ ଦିଗରେ ମଣିଷ ସୃଷ୍ଟିଲାଭ କରିଥିବା ବିଶ୍ୱାସ କରାଯାଏ । ଜୀବନ ବ୍ୟକ୍ତିରୁ ଆରମ୍ଭ ହୋଇ ପରିବାରକୁ ଆଧାର କରି କ୍ରମେ ବୃହତ୍ତର ସମାଜ ଦିଗରେ ପରିବ୍ୟାପ୍ତ ହୋଇଥିଲା । କିନ୍ତୁ ଆଜିର ଏହି ସଂକଟମୟ ବିଶ୍ୱରେ ଜୀବନ ହୋଇଛି ସତତ ବିଦୀର୍ଣ୍ଣ ।

ଏଠାରେ କହିରଖେ; ଭାରତୀୟ ଅନୁଭୂତିରେ ଜୀବନ-ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଏକ ଯାତ୍ରାପଥ ମାତ୍ର ନୁହେଁ । ଧର୍ମ, ଅର୍ଥ, କାମ, ମୋକ୍ଷ ପରି ଚତୁର୍ବର୍ଗ ପ୍ରାପ୍ତି ହେଉଛି ଜୀବନର ଲକ୍ଷ୍ୟ । ଏକଦା ମନୁଷ୍ୟ ବିଶ୍ୱାସ କରୁଥିଲା, ଏକ ବୃହତ୍ତର ସ୍ୱାର୍ଥ ସିଦ୍ଧି ପାଇଁ ଆତ୍ମ ଉତ୍ସର୍ଗ ହିଁ ହେଉଛି ଏକମାତ୍ର ପନ୍ଥା । ସମଗ୍ର ବସୁଧାକୁ ଏକ କୁଟୁମ୍ବ ଭାବରେ ପରିକଳ୍ପନା କରି ସାମୂହିକ ସ୍ୱାର୍ଥସିଦ୍ଧି ନିମନ୍ତେ ବ୍ୟକ୍ତି ଆପଣାକୁ ଉତ୍ସର୍ଗ କରିଥିଲା । କିନ୍ତୁ ପରିବର୍ତ୍ତିତ ପରିବେଶରେ ପରମ୍ପରା କ୍ରମେ ଗଢ଼ି ଆସୁଥିବା ଏହି ଚିନ୍ତାଧାରାରେ ପରିବର୍ତ୍ତନ ଆଜି ଜୀବନକୁ କରିଛି ବିପର୍ଯ୍ୟସ୍ତ । ଆପଣାର ସ୍ୱାର୍ଥସିଦ୍ଧି ପାଇଁ, ଅହରହ ଚେଷ୍ଟିତ ମଣିଷ ପ୍ରତ୍ୟେକ ମୁହୂର୍ତ୍ତରୁ ସଫଳତା ହିଁ ଖୋଜି ଚାଲିଛି । ପରିଣତି ସ୍ୱରୂପ ନା' ସେ ବ୍ୟକ୍ତିଗତ ଜୀବନରେ ପାଇଛି ପୂର୍ଣ୍ଣତା; ନା ସମୂହରେ ପାଇଛି ସ୍ୱୀକୃତି । ବାସ୍ତବିକ କହିବାକୁ ଗଲେ ସାଂପ୍ରତିକ ମଣିଷ ଆଜି ଦୁଇଟି ପୃଥିବୀର ଅଧିବାସୀ । ଗୋଟିଏ ଦିଗରେ ପରମ୍ପରାର ପୃଥିବୀ ତାକୁ ନିତ୍ୟ ପ୍ରତ୍ୟହ ଆନ୍ଦୋଳିତ କଲାବେଳେ, ଅନ୍ୟ ଏକ ପୃଥିବୀ ତାକୁ ପ୍ରତିଷ୍ଠା ଓ ସଫଳତା ଦିଗରେ ଉଚ୍ଚକିତ କରିଛି ।

ପରିଶେଷରେ କେବଳ ଏତିକି କହିବି- ସାଂପ୍ରତିକ ସମାଜରେ ସମସ୍ୟା ବିଜଡ଼ିତ ମଣିଷ ନିଶ୍ଚିତ ଭାବରେ ଏକ ବିଷଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଛି । କିନ୍ତୁ ଏ ବିଷଣ୍ଣତା, ଏ ଅସହାୟତା; ବ୍ୟକ୍ତିତ୍ୱର ପରାଜୟ ନୁହେଁ । ଭାରତୀୟ ପରମ୍ପରା ଯୁଗେ ଯୁଗେ ଦସ୍ୟୁ ରତ୍ନାକରରୁ ବାଲ୍ମୀକିରେ ରୂପାନ୍ତରଣ ପ୍ରକ୍ରିୟା ପାଇଁ ପଥ ଉନ୍ମୋଚନ କରିଥାଏ । ସେହି ଧାରାରେ ସମାଜର ପୁନଃଗଠନ ଓ ନୈତିକ ଉତ୍ତରଣ ନିମନ୍ତେ ସାମୂହିକ ଉଦ୍ୟମର ଆବଶ୍ୟକତା ରହିଅଛି ।

# ପରିବର୍ତ୍ତନର ସ୍ୱର

ଏକଦା ମନୁଷ୍ୟ ଥିଲା ଅରଣ୍ୟର ସନ୍ତାନ । ନଦୀ, ପର୍ବତ, ବୃକ୍ଷଲତା, କୀଟପତଙ୍ଗ ଓ ପଶୁପକ୍ଷୀ ଆଦିଙ୍କ ଭିତରେ ମନୁଷ୍ୟ ଥିଲା ବିଶ୍ୱନିୟନ୍ତାଙ୍କ ସର୍ବଶ୍ରେଷ୍ଠ ସୃଷ୍ଟି । ସମୟର ଧାରାରେ ଆପଣାର ଶ୍ରେଷ୍ଠତା ପ୍ରତିପାଦନ କରି ମନୁଷ୍ୟ ନିର୍ମାଣ କରିଛି ସମାଜ । ସହାବସ୍ଥାନ ସୂତ୍ରରେ ବାନ୍ଧି ହୋଇ ଅଭିବୃଦ୍ଧିର ପଥରେ ଦେଇଛି ପାଦ । କିନ୍ତୁ ସମୟକ୍ରମେ ଏ ବିକାଶର ଧାରା ବସ୍ତୁବାଦୀ ଦୃଷ୍ଟିକୋଣକୁ ଆଦରି ନେଇ ମନୁଷ୍ୟକୁ କରିଛି ମୂଲ୍ୟବୋଧରୁ ବିଚ୍ୟୁତ । ଆତ୍ମପ୍ରତିଷ୍ଠା ଓ ସୁଖବୋଧର ସନ୍ଧାନରେ ମନୁଷ୍ୟ ହୋଇ ଉଠିଛି ହିଂସ୍ର । ନୀତି, ପ୍ରୀତି ଓ ଆଦର୍ଶକୁ ଅସ୍ୱୀକାର କରି ବିପର୍ଯ୍ୟୟକୁ ଡାକି ଆଣିଛି ।

ଏ ପରିପ୍ରେକ୍ଷୀରେ କହିରଖେ ଦିନେ ବେଦର ପ୍ରଥମ ବାକ୍ୟ ମନୁଷ୍ୟର ଆଭିମୁଖ୍ୟକୁ ପ୍ରକାଶ କରି କହିଥିଲା- 'ଅଗ୍ନି ମିଳେ ପୁରୋହିତଂ' । ସମୟର ଧାରାରେ ସେ ମନୁଷ୍ୟ କିନ୍ତୁ ସଂପଦର ପ୍ରଲୋଭନରେ ମାନସିକ ଭାରସାମ୍ୟ ହରାଇ ବସିଛି । ମନୁଷ୍ୟର ସଂକୀର୍ଣ୍ଣ ସ୍ୱାର୍ଥ ଏବଂ ଐଶ୍ୱର୍ଯ୍ୟପ୍ରାପ୍ତିର ବିକଟ ମନସ୍ଥିତି ଆଜି ମନୁଷ୍ୟ ଓ ପଶୁଭିତରେ ଥିବା ରେଖାକୁ ନିଷ୍ପ୍ରଭ କରିଦେଇଛି । ତେଣୁ ଦିନେ ଆପଣାର ସନ୍ତାନ କରି ମନୁଷ୍ୟକୁ ସଯତ୍ନରେ ପାଳିଥିବା ପ୍ରକୃତି; କରାଳ ରୂପ ଧରି ଆରମ୍ଭ କରିଛି ଧ୍ୱଂସ ଲୀଳା । କେତେବେଳେ ବନ୍ୟା, ବାତ୍ୟା, ମରୁଡ଼ି ତ; ଆଉ କେତେବେଳେ ମହାମାରୀ ନେଉଛି ଅସଂଖ୍ୟ ଜୀବନ । ଏପରିସ୍ଥଳେ କି ଲାଭ ମନୁଷ୍ୟର ଅଣୁଶକ୍ତି ଜ୍ଞାନ ଆଉ ବିଜ୍ଞାନ । ଯେତେବେଳେ କି ମନୁଷ୍ୟ ଜୀବନ ପାଲଟି ଯାଇଛି ପୋକମାଛି ସମାନ ।

ପରିଶେଷରେ କେବଳ ଏତିକି କହିବି ଏ ମାଟିର ମନୁଷ୍ୟ ଆତ୍ମପ୍ରତିଷ୍ଠା ପ୍ରଲୋଭନରେ ବିଷାକ୍ତ ହୋଇପଡ଼ିଛି । ତା'ର କ୍ରିୟା-ପ୍ରତିକ୍ରିୟା ହିଁ ଆଜିର ଏ ଦିନ । ଆଶା କିନ୍ତୁ ଏ ବିକଟ ସ୍ଥିତି ହିଁ ମନୁଷ୍ୟ ଭିତରେ ପରିବର୍ତ୍ତନର ଏକ କଲ୍ୟାଣ ସ୍ନିଗ୍ଧ ମାନସିକତା ଗଢ଼ି ତୋଳିବାରେ ସକ୍ଷମ ହେବ ।

**ଡକ୍ଟର ମନୋରଞ୍ଜନ ବିଷୋୟୀ,** ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସଂପର୍କ: ୮୮୯୫୧୪୧୭୨୭

## ଆଜିର ଅନୁଚିନ୍ତା

ତୁମ୍ଭେ ତାକୁ ହିଁ ଭାବ, ଯିଏ ତୁମ୍ଭର ସର୍ବଦା କଲ୍ୟାଣ ଚିନ୍ତା କରୁଛନ୍ତି !

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।

E-mail: editorpbkc@gmail.com
9853400829 (M), Fax: 0674-2550504

# ଚିନ୍ତା ବଢ଼ାଉଛି କେରଳ !

*"Does Keral becoming an experiment ground of Karona Virus."*

ଡାଃ ସୁରେନ୍ଦ୍ରନାଥ ଦାଶ



ସାରା ଭାରତରେ କରୋନାର ଦ୍ୱିତୀୟ ଲହର ଧୀରେ ଧୀରେ କମିବାରେ ଲାଗିଛି । ଅନେକ ରାଜ୍ୟରେ ଜୀବନଯାତ୍ରା ଧୀରେ ଧୀରେ ସ୍ୱାଭାବିକ ହେଲାଣି । ବଜାର ଘାଟରେ ଲୋକଗହଳି ଲାଗିଲାଣି । ସ୍କୁଲ କଲେଜ ମଧ୍ୟ ଧୀରେ ଧୀରେ ଖୋଲିବା ଆରମ୍ଭ କଲେଣି । ବିମାନ ରେଳ ମଧ୍ୟ ସ୍ୱାଭାବିକ ହେଲାଣି । ଦିନକର ଆକ୍ରାନ୍ତ ସଂଖ୍ୟା ଲକ୍ଷରୁ ଚାଳିଶ ହଜାରକୁ ଦେଶରେ କମିଲାଣି । ମୃତ୍ୟୁସଂଖ୍ୟା ମଧ୍ୟ ୩୦୦-୪୦୦କୁ ଖସିଲାଣି । ଯଦିଓ ତୃତୀୟ ଲହର କଥା ବେଳେବେଳେ ଶୁଣାଯାଉଛି, ଲୋକେ କିନ୍ତୁ ଧୀରେ ଧୀରେ ଆଶାବାଦୀ ହୋଇ ଉଜୁଡ଼ା ବ୍ୟବସାୟକୁ ସଜାଡିବାକୁ ଅଣ୍ଟା ଭିଡୁଛନ୍ତି ।

ଏତିକିବେଳେ କ୍ଷୁଦ୍ର ରାଜ୍ୟ କେରଳରେ କରୋନା ରୋଗୀଙ୍କ ଆଶାତୀତ ବୃଦ୍ଧି ସାରା ଦେଶକୁ ଆଶ୍ଚର୍ଯ୍ୟ କରିଛି । ବର୍ତ୍ତମାନ ଦିନକୁ କେରଳରେ ୩୦ ହଜାର ପାଖାପାଖି ରୋଗୀ ବାହାରିବା ସହ ପ୍ରାୟ ୩୦୦ ମୃତ୍ୟୁ ଘଟୁଛି, ଯାହା ଭାରତର ଅଧା ଅଟେ । Positivity Rate ୧୬ରୁ କୋଡିଏ ରହୁଛି (ଜାତୀୟ ହାର ୨.୮) । କେରଳରେ ଏପର୍ଯ୍ୟନ୍ତ ୧୭ ହଜାର ରୋଗୀ ମୃତ୍ୟୁବରଣ କଲେଣି (ଦେଶର ୧୨ଶତକଡା) । କେରଳ ଭାରତର ସବୁଠାରୁ ଆଗୁଆ ରାଜ୍ୟ । ଏଠାରେ ସାକ୍ଷରତା ହାର କେବେଠାରୁ ଶହେ ଶତକଡା ଛୁଇଁଛି । ଭାରତରେ ଜନତାଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନରେ ଏହା ମଧ୍ୟ ଆଗୁଆ । ଏହାର ଶିଶୁ ମୃତ୍ୟୁହାର ୧୪, ଭାରତର ସର୍ବନିମ୍ନ । ହସପିଟାଲରେ ଶତକଡା ୧୦୦ ପ୍ରସବ କରାଯାଉଛି । ଅନେକ କେରଳିଆନ ବିଦେଶରେ କାମ କରନ୍ତି । ଦରିଆ ପାରି ଅର୍ଥର ପ୍ରଭାବ ଏ ରାଜ୍ୟରେ ପ୍ରଥମେ ଅନୁଭୂତ ହୋଇଥିଲା । କେରଳକୁ "Best place to die in World due to availability of efficient palliative treatment" କୁହାଯାଏ । ୟୁନେସ୍କୋ ଏହାକୁ Best baby friendly ମାନ୍ୟତା ମଧ୍ୟ ଦେଇଛି । ଏଠାରେ ଅନେକ ପ୍ରାକୃତିକ ଚିକିତ୍ସାଳୟ ମଧ୍ୟ କାମ କରୁଛି ।

କେରଳ ଭାରତ ପଶ୍ଚିମ ଉପକୂଳର ମାଲାବାର ଉପକୂଳରେ ଅଣଓସାରିଆ ଦୀର୍ଘ (୬୦୦କିମି) ରାଜ୍ୟଟିଏ । ସୁଦୃଶ୍ୟ ବେଳାଭୂମି, ଅସଂଖ୍ୟ ଲେଗୁନ (Back Water), ଗୁଆ, ତାଳ ନଡିଆର ବଣ, ରବର, କଫି, ଚା ବଗିଚା, ଧାନକ୍ଷେତ, ମସଲା,ମାଛ ଚାଷପାଇଁ ଏହା ବିଖ୍ୟାତ । ମସଲା ବେପାର ପାଇଁ ଏଠାକୁ ପ୍ରଥମେ ଆରବ ଓ ୟୁରୋପୀୟ ବ୍ୟବସାୟୀମାନେ ଆସିଥିଲେ । ପଶ୍ଚିମ ଘାଟ ତଳେ ଥିବାରୁ କେରଳରେ ଅଧିକ ବର୍ଷା ହୁଏ । ଗତବର୍ଷ ବର୍ଷାରେ ରାଜ୍ୟ ଛାରଖାର ହୋଇଯାଇଥିଲା । ୧୯୫୬ ମସିହାରେ ଗଠିତ ଏହି ରାଜ୍ୟର କ୍ଷେତ୍ରଫଳ ମାତ୍ର ୩୮ ହଜାର ବର୍ଗ କିମି ଓ ଜନସଂଖ୍ୟା ୩.୮ କୋଟି । ଏହା ଦେଶର ଅନ୍ୟତମ ଜନବହୁଳ ରାଜ୍ୟ । ଆଚାର୍ଯ୍ୟ ଶଙ୍କର ଏହି ରାଜ୍ୟରେ ଜନ୍ମ ନେଇଥିଲେ । ଏଠାର ନମ୍ବୁଦ୍ରି ବ୍ରାହ୍ମଣମାନେ ନିଜର ବିଜ୍ଞତା ପାଇଁ ଭାରତରେ ବିଖ୍ୟାତ । ଏହାର ପଦ୍ମନାଭନ ମନ୍ଦିର ପୃଥିବୀର ସବୁଠାରୁ ଧନଶାଳୀ ମନ୍ଦିର ।

କେରଳରେ କରୋନାର ପ୍ରଥମ ଲହରୀ ଭାରତର ସର୍ବପ୍ରଥମେ ଆରମ୍ଭ ହୋଇଥିଲା । ଚୀନର ଉହାନ ସହରରୁ ଆସିଥିବା ଛାତ୍ରମାନଙ୍କଠାରେ କରୋନା ଲକ୍ଷଣ ଦେଖାହେଲା ପରେ ସାରା ଭାରତରେ ପ୍ରଥମ ଲହର ସୃଷ୍ଟି କଲା । ପ୍ରଥମ ଲହରି ମୁକାବିଲା ମଧ୍ୟ ରାଜ୍ୟରେ ସଫଳତାର ସହ ହୋଇଥିଲା । ପରବର୍ତ୍ତି ସମୟରେ ଟିକାଦାନ କାର୍ଯ୍ୟକ୍ରମ ଆରମ୍ଭ ହୋଇ ସଫଳତାର ସହ ଚାଲି ପ୍ରାୟ ୪୪ ଶତକଡା ଲୋକଙ୍କୁ ଟୀକା ପ୍ରଦାନ କରାହେଲାଣି (ଜାତୀୟ ହାର ୨୮ଶତକଡା) । ସଂକ୍ରମଣ ହାର ଶତକଡା ୪.୮ଶତକଡା (ଜାତୀୟ ହାର ୨.୮) । ମୃତ୍ୟୁ ହାର ୦.୦୪୮ (ଜାତୀୟ ହାର (୦.୦୩୮) । ଆର ଫାକ୍ଟର ରାଜ୍ୟରେ ୧.୧ ରହିଛି, ଜାତୀୟ ସ୍ତରରେ ତାହା ୦.୯୮ ଅଛି । ତାହା ସତ୍ୱେ ଜାନୁଆରୀ ମାସରୁ କରୋନାର ଦ୍ୱିତୀୟ ଲହର ଆରମ୍ଭ ହୋଇ କମିବାର ନାଁ ଧରୁନି । ସେଥିପାଇଁ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଓ ଭାରତ ସରକାର ତର୍ଜମା ଚଲାଇଛନ୍ତି । ଅନେକ ଜାଗାରେ ଲକ-ଡାଉନ ସର୍ଟ ଡାଉନ ଜାରି ହୋଇଛି । ୫ଟି ଜିଲ୍ଲାର ସୀମାନ୍ତ ମଧ୍ୟ ବନ୍ଦ ରହିଛି । କେରଳରୁ ଯିବା ପାଇଁ ପ୍ରତିବନ୍ଧକ ଲଗାଯାଇଛି । କେରଳରେ ସ୍ୱାସ୍ଥ୍ୟ ସେବା ଭଲ ହେଲେ ମଧ୍ୟ ରୋଗର ସଂକ୍ରମଣ ହାର (Back Water) ଅଧିକ (ହଜାରରେ ୧୨୨, ଜାତୀୟ ହାର ୮୮) । ଅଧିକ ଆର୍ଦ୍ରତା, ଜଳମଗ୍ନ ଅ-ଞ୍ଚଳ, ଜନବହୁଳ ଗ୍ରାମ ଓ ସହର ଯୋଗୁ ସଂକ୍ରାମକ ରୋଗ ବ୍ୟାପେ । ରାଜ୍ୟରେ ଅତ୍ୟଧିକ ବୟସ୍କ ଲୋକ ରହିଛନ୍ତି । ବହୁମୂତ୍ର ରୋଗ ହାର ମଧ୍ୟ ଭାରତରେ ପ୍ରଥମ । କ୍ୟାନସର ରୋଗ ମଧ୍ୟ ବେଶ ଅଧିକ । ପ୍ରଥମ ଲହରୀରେ ଲୋକମାନେ ଘରେ ରହିବାରୁ ସେମାନେ ସଂକ୍ରମିତ ହୋଇ ନଥିଲେ । ସେମାନଙ୍କ ଦେହରେ ରୋଗ ପ୍ରତିଷେଧକ ଶକ୍ତି ନଥିଲା । ହଠାତ ନିୟମ କୋହଳ ହେବାରୁ ସବୁ ଢିଲା ହୋଇଗଲା । ଲୋକମାନେ ବାହାରେ ନିଧଡକରେ ବୁଲିଲେ । କଣ୍ଟାକ୍ଟ ଟ୍ରେସିଙ୍ଗ ଠିକ୍ ହେଲାନି । ରାଜ୍ୟରେ ଏବେବି ଯୁବ ବର୍ଗ ଟୀକା ପାଇନାହାନ୍ତି । ଇସ୍ରାଏଲ ଓ ଆମେରିକାରେ ମଧ୍ୟ ସବୁ ଲୋକଙ୍କୁ ଟୀକାଦାନ ପରେବି କରୋନା ବଢି ଚାଲିଛି । କରୋନା ତା'ର ନୂଆ ମ୍ୟୁଟାଣ୍ଟ ବାହାର କରି ଭାକସିନକୁ ଏଡେଇ ଦେବାକୁ ଚାହୁଁଛି । କେରଳର କରୋନା ସାରା ବିଶ୍ୱ ପାଇଁ ଏକ ନୂଆ ସମସ୍ୟା ସୃଷ୍ଟି କରିଛି । ତା'ର ରହସ୍ୟ ଏବେବି ଅଜଣା ରହିଛି । ସ୍ୱାସ୍ଥ୍ୟ ସେବାରେ ଆଗୁଆ ରାଜ୍ୟରେ କାହିଁକି ଏପରି ହେଲା, ତାହା ହୁଏତ କରୋନା ଗାଇଡ ଲାଇନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ନିକଟରେ ମୁସଲମାନଙ୍କ ବକ୍ରିଦ ପର୍ବକୁ ଖୋଲାଖୋଲି ପାଳିବା ପାଇଁ ଅନୁମତି ଦେବାକୁ ଅନେକ ନାପସନ୍ଦ କରିଛନ୍ତି । ଆଗକୁ ସାରା ଦେଶରେ ପାର୍ବଣ ଋତୁ ଆସୁଛି । ଦୀର୍ଘଦିନ କଟକଣାରେ ରହି ଲୋକମାନେ ପର୍ବକୁ ଧୁମଧାମରେ ପାଳନ କରିବେ । ସରକାର ମଧ୍ୟ ଅଧିକ ଦିନ ଲୋକଙ୍କୁ କଟକଣାରେ ରଖିବା ଚାହାଁନ୍ତି ନାହିଁ । ଏପର୍ଯ୍ୟନ୍ତ ପିଲାମାନଙ୍କର ଟିକାଦାନ ହୋଇନାହିଁ । ଯୁଦ୍ଧକାଳୀନ ଭିତ୍ତିରେ ଟିକାଦାନ ସଂପୂର୍ଣ୍ଣ ହୋଇଥିଲେ ଆମେ ନିଶ୍ଚିନ୍ତ ହୋଇପାରିଥାଆନ୍ତେ ।

ସଂକ୍ରମଣ ବୃଦ୍ଧି ସତ୍ୱେ କେରଳର ପରିଚାଳନାକୁ ଅନେକ ଆଦର୍ଶ ବୋଲି ମନେକରନ୍ତି । କେନ୍ଦ୍ର ଭଳି ଆର.ଟି. ପି.ସି.ଆର. ପରୀକ୍ଷା ବଦଳରେ ଏହା ରାପିଡ ଆଣ୍ଟିଜେନ ପରୀକ୍ଷା ଗ୍ରହଣ କରିଛି । ତାହାଫଳରେ ରୋଗୀକୁ ଶୀଘ୍ର ଆଇସୋଲେସନ ଓ ଚିକିତ୍ସା କରାହୋଇ ସୁଫଳ ମିଳୁଛି । ଆରଟିପିସିଆର ପରୀକ୍ଷାରେ ମୂଲ୍ୟବାନ ସମୟର ଅପଚୟ ହୋଇ ରୋଗ ବଢି ଯାଉଛି । କେରଳର ମୃତ୍ୟୁହାର ରୋଗରେ ସର୍ବନିମ୍ନ (୦.୫), ଜାତୀୟ ସ୍ତରରେ ତାହା ଶତକଡା ୧.୪ । ଏହା ଏପର୍ଯ୍ୟନ୍ତ ୮୮ ଶତକଡା ଲୋକଙ୍କ ପରୀକ୍ଷା କରି ସାରିଲାଣି, ୟୁପିରେ ତାହା ମାତ୍ର ୨୩ ଶତକଡା । ସେପ୍ଟେମ୍ବର ୧୫ ସୁଦ୍ଧା ସମସ୍ତଙ୍କୁ ପ୍ରଥମ ମାତ୍ରା ଟିକା ଦେବାର ଲକ୍ଷ୍ୟ ରହିଛି । ବିଦେଶରୁ ୩ କୋଟି ଡୋଜ ଟିକା ଅଣାଯିବା ପାଇଁ ଚେଷ୍ଟା ଚାଲିଛି । କେରଳରେ କରୋନାର ହସପିଟାଲ ଆଡମିଶନ ମାତ୍ର ଶତକଡା ୩ ଭାଗ (ଜାତୀୟ ହାର ୫)। ଅନ୍ୟ ରାଜ୍ୟ ଭଳି ଅମ୍ଳଜାନ ଅଭାବ, ବେଡ ଅଭାବ ହୋଇ ଆତଙ୍କ ଓ ହତାଶା ସୃଷ୍ଟି ହେବା ଭଳି ଘଟଣା କେରଳରେ ଘଟିନାହିଁ । ଆଶା କରାଯାଏ, ଯେଉଁ ଅଧିକ ରୋଗୀସଂଖ୍ୟା ଓ ମୃତ୍ୟୁ ହାର ଦେଖାଦେଇଛି ତାହା ବାସ୍ତବ ଅପେକ୍ଷା ଆପେକ୍ଷିକ । ଭବିଷ୍ୟତରେ କେରଳ ତା'ର ସୁନାମ ନିଶ୍ଚୟ ରକ୍ଷାକରିବ ଓ ଅନ୍ୟମାନଙ୍କୁ ବାଟ ଦେଖାଇବ ।



-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ:୯୪୩୭୨୩୫୩୮୬

# ମନର ଶକ୍ତି

ଡ. ପ୍ରତିଭା ମହାରଥୀ



ମନର ଶକ୍ତି ହିଁ ମଣିଷର ଶ୍ରେଷ୍ଠ ଶକ୍ତି ଅଟେ । କଥାରେ କଥାରେ କୁହାଯାଏ, "ମନ ଭଲ ଥିଲେ ଗଡ଼ିଆ ଗଙ୍ଗା ।" ଅର୍ଥାତ୍ ମନ ଯଦି ପ୍ରସନ୍ନ ଅଛି, ତେବେ ତୁମ ଚତୁଃପାର୍ଶ୍ୱର ଦୁନିଆ ଖୁବ୍ ସୁନ୍ଦର ଲାଗିବ । ମନୁଷ୍ୟ, ପଶୁ, ପକ୍ଷୀ, ବନ ଉପବନ, ନଦୀ, ଆକାଶ ସମସ୍ତେ ଲାଗିବେ ଭାରି ମନଛୁଆଁ । ମନ ଓ ଶରୀର ଏ ଉଭୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ମନ ଭଲ ଥିଲେ ଶରୀର ଉପରେ ଏହାର ପ୍ରଭାବ ପଡ଼ିଥାଏ । ଠିକ୍ ସେହିପରି ଶରୀରର ମଧ ମନ ଉପରେ ପ୍ରଭାବ ପଡ଼େ । ଇଂରାଜୀରେ କୁହାଯାଏ-"Face is the index of mind." ମନର ଖୁସି ମୁହଁରେ ପ୍ରତିଫଳିତ ହୋଇଥାଏ । ମାଆମାନେ ସନ୍ତାନମାନଙ୍କୁ ମୁହଁ ଶୁଖିଥିଲେ କହନ୍ତି, "ଆଜି କ'ଣ ମନ ଭଲ ନାହିଁକି ?" ମନର ପ୍ରଭାବ ଶରୀରର ପ୍ରଭାବ ଠାରୁ ଅଧିକ ଫଳପ୍ରଦ ହୋଇଥାଏ । କାରଣ ମନକୁ ମିଶାଇ ଶରୀରର ଏକାଦଶ ଇନ୍ଦ୍ରିୟ ଓ ଏହି ଇନ୍ଦ୍ରିୟମାନଙ୍କର ମୁଖିଆ ହେଲା ମନ । ମନ ଉପରେ ବୁଦ୍ଧି ଓ ବୁଦ୍ଧି ଉପରେ ସଂସ୍କାର ନିୟନ୍ତ୍ରଣ କରେ । ଆମ ଦେଶର ମୁନିଋଷିମାନେ ମଣିଷର ଭାବନାକୁ ଚାରୋଟି ନାଁ ଦେଇଛନ୍ତି । ତାକୁ ଚତୁଃ ଅନ୍ତଃକରଣ ବୋଲି କହନ୍ତି । ତାହା ହେଲା, ମନ, ବୁଦ୍ଧି, ଚିତ୍ତ ଓ ଅହଙ୍କାର । ତେବେ ଏହି ଚାରି ଅନ୍ତଃକରଣଙ୍କର ଗୋଟିଏ ଗୋଟିଏ ବୃତ୍ତି ଅଛି । ମନର ବୃତ୍ତି ହେଉଛି- ସଂଶୟ କରିବା । ବୁଦ୍ଧିର ବୃତ୍ତି ହେଉଛି- ନିଶ୍ଚୟ କରିବା । ଚିତ୍ତର ବୃତ୍ତି – ଅନୁସନ୍ଧାନ କରିବା ଏବଂ ଅହଙ୍କାରର ବୃତ୍ତି ହେଉଛି ଅଭିମାନ କରିବା । ଗୀତାରେ ଭଗବାନ ଶ୍ରୀକୃଷ୍ଣଙ୍କ ସମ୍ମୁଖରେ ଅର୍ଜୁନ ସ୍ୱୀକାର କରିଛନ୍ତି ଯେ, ମନ ଏକସଙ୍ଗେ ଚଞ୍ଚଳିଆ, ଅମାନିଆ, ଜିଦ୍‌ଖୋର ଏବଂ ଶକ୍ତିଶାଳୀ । ବାୟୁ ଭଳି ମନକୁ ଆୟତ୍ତ କରିବା କଷ୍ଟକର । ଏହି ପ୍ରସଙ୍ଗରେ କୃଷ୍ଣ ତାଙ୍କ ସହ ଏକମତ ହେବା ସହ ବୁଝାଇଛନ୍ତି, ମନ ଯେତେ ଶକ୍ତିଶାଳୀ ହୋଇଥିଲେ ହେଁ ଅଜେୟ ନୁହେଁ । ଅଭ୍ୟାସ ଓ ବୈରାଗ୍ୟ ଦ୍ୱାରା ତାହାକୁ ସମ୍ପୂର୍ଣ୍ଣ ବଶୀଭୂତ କରାଯାଇପାରେ । ଅନିୟନ୍ତ୍ରିତ ମନ ଇନ୍ଦ୍ରିୟ ସୁଖ ଲାଭ କରିବା ପାଇଁ ସର୍ବଦା ଲାଳାୟିତ ଥାଏ । ନିଜର ସମସ୍ତ ସ୍ଥୁଳ କାମନାର ପୂରଣ ପାଇଁ ଯୋଜନା ପରେ ଯୋଜନା କରିଚାଲେ । କେବଳ ସ୍ୱାର୍ଥସିଦ୍ଧି ଲାଗି ବ୍ୟସ୍ତ ରହେ । କାମ, କ୍ରୋଧ ଏବଂ ଲୋଭ ଅମାନିଆ ମନର ସାଥୀ । ଏ ତିନିହେଁ ହେଲେ ନର୍କର ଦ୍ୱାର ସଦୃଶ । ଏମାନେ ଆମ ଭିତରେ ଭରିଦିଅନ୍ତି ପଶୁତ୍ୱ; ଆମକୁ ପରମାତ୍ମାଙ୍କ ଠାରୁ ଦୂରାଇ ଦିଅନ୍ତି । ଏଣୁ ମନକୁ ନିୟନ୍ତ୍ରିତ ନ କଲେ ରକ୍ଷାନାହିଁ । ଅପରପକ୍ଷେ ମନକୁ ନିୟନ୍ତ୍ରିତ କରିପାରିଲେ ଯେଉଁ ଅପୂର୍ବ ଶକ୍ତି ମିଳେ, ତାହା ସହ କେହି ବା କିଛି ତୁଳନୀୟ ନୁହେଁ । ମନ ହେଉଛି ବିକ୍ଷିପ୍ତ ସୂର୍ଯ୍ୟ କିରଣ ପରି । ସୂର୍ଯ୍ୟଙ୍କ କିରଣ କେତେ ଶକ୍ତିଶାଳୀ; କିନ୍ତୁ ଏକ ସଙ୍ଗେ କେତେ ଶକ୍ତିହୀନ । ସୂର୍ଯ୍ୟକିରଣ ଏତେ ତେଜବାନ୍ ହୋଇଥିଲେ ହେଁ ନିଆଁ ଟିକିଏ ଜଳାଇପାରେ କି ? କିନ୍ତୁ, ସେହି କିରଣକୁ ଯବକାଚ ସାହାଯ୍ୟରେ କେନ୍ଦ୍ରୀଭୂତ କଲାକ୍ଷଣି ନିଆଁ ଜଳିଉଠେ । ଠିକ୍ ସେହିପରି ଇଆଡ଼େ ସିଆଡ଼େ ଖେଳାଇ ହୋଇଯାଇଥିବା ଚଞ୍ଚଳିଆ ମନକୁ ଗୋଟିଏ ସ୍ଥାନରେ କେନ୍ଦ୍ରୀଭୂତ କରିପାରିଲେ, ତାହା ପାଲଟିଥାଏ ଅଜେୟ ଶକ୍ତିର ଉତ୍ସ । ଯୋଗ ସାଧନା ଦ୍ୱାରା ମନକୁ ବଶୀଭୂତ କରାଯାଇ ପାରେ । ମନକୁ କେହି କେହି ଦର୍ପଣଟିଏ ସହ ତୁଳନା କରିଛନ୍ତି । ଦର୍ପଣରେ ପ୍ରତିବିମ୍ବ ଦେଖାଯିବା ଭଳି ମନ ଦର୍ପଣରେ ବ୍ୟକ୍ତିତ୍ୱ ପ୍ରତିଫଳିତ ହୋଇଥାଏ । କିନ୍ତୁ କାନ୍ଥରେ ଟଙ୍ଗାଯାଇଥିବା ଦର୍ପଣଟି ଯଦି ସ୍ଥିର ନଥାଇ ହଲୁଥାଏ ତେବେ ସେଥିରେ ମୁହଁର ସ୍ଥିର ପ୍ରତିବିମ୍ବ ଦେଖାଯାଏ ନାହିଁ । ତାହା ମଧ ହଲୁଥାଏ । ସେହିପରି ମଣିଷର ମନ ଯଦି ସ୍ଥିର ନଥାଇ ବିଚଳିତ, ବିକ୍ଷିପ୍ତ ବା ଅଶାନ୍ତ ରହିଥାଏ ତେବେ ବ୍ୟକ୍ତି ସତ୍ତାଟି ମଧ ଅସ୍ଥିର ବା ହଲଚଲ୍ ଜଣାପଡ଼େ । ପୁନଃଶ୍ଚ ଦର୍ପଣର କାଚ ଉପରେ ଯଦି ବହଳ ଧୂଳିର ଆସ୍ତରଣ ଜମି ରହିଥାଏ ତେବେ ମଧ ମୁହଁ ଖୁବ୍ ଅସ୍ୱଷ୍ଟ ଦେଖାଯାଏ । ଠିକ୍ ସେହିପରି ମନରେ ଅଜ୍ଞତା, ଅନ୍ଧବିଶ୍ୱାସ, ଭରପୂର ହୋଇ ଜମି ରହିଥିଲେ ମଣିଷର ବୁଦ୍ଧି, ବୃତ୍ତି, ବିଚାର, ସଂକଳ୍ପ ସବୁକିଛି ବିଗିଡ଼ିଯାଏ । ତୃତୀୟତଃ ଯଦି ଦର୍ପଣ ଉପରେ ପରଦା କିମ୍ବା କିଛି ଆବରଣ ଥାଏ ତେବେ ତାହାକୁ ନ ଆଡ଼େଇବା ପର୍ଯ୍ୟନ୍ତ ଦର୍ପଣରେ ମୁହଁ ଦେଖି ହୁଏନାହିଁ, ଆଉ ମଣିଷର ମନ ରୂପକ ଦର୍ପଣରେ ଏହି ଆବରଣଟି ହେଲା ଅହଙ୍କାର । ଏହାକୁ ନ ହଟେଇଲା ପର୍ଯ୍ୟନ୍ତ ମଣିଷ ବିଭୁଦତ୍ତ ସ୍ୱର୍ଗୀୟ ଗୁଣଗୁଡ଼ିକଠାରୁ ଅନେକ ଦୂରରେ ରହିଯାଏ । କେହି କେହି ଉପରୋକ୍ତ ତ୍ରୁଟିଗୁଡ଼ିକ ମନର 'ମଳ' ବୋଲି ମଧ କହିଥାନ୍ତି । ତେଣୁ ମନରୂପକ ଘୋଡ଼ାକୁ ଉପଯୁକ୍ତ ତାଲିମ ଦେଇ ନିୟନ୍ତ୍ରଣ କରିପାରିଲେ ମନୁଷ୍ୟ ଅସୀମ ଶକ୍ତିର ଅଧିକାରୀ ହୋଇପାରେ । ମନର ଏହି ଶକ୍ତି ବା ବଳକୁ ନେଇ ଏକ ଉଚ୍ଚକୋଟିର କାହାଣୀ ଏଠାରେ ଉପସ୍ଥାପନ କରୁଛି । ଦୁଇ ସାଙ୍ଗ ଯାଉଥିଲେ । ସେମାନଙ୍କ ଭିତରୁ ଜଣେ ଥିଲା ଅସମ୍ଭବ ଭାବେ ମୋଟା ଏବଂ ଆର ଜଣକ ଅସମ୍ଭବ ଭାବେ ପତଳା । ମୁହଁ ସଞ୍ଜ ହୋଇ ଆସୁଥିଲା । ଦୈବାତ୍ ମୋଟା ପିଲାଟି ପଡ଼ିଗଲା ଗୋଟିଏ ଗଭୀର ଖାତରେ । ପତଳା ସାଙ୍ଗଟି ତାକୁ ବାହାର କରିବା ଲାଗି ଚେଷ୍ଟାକଲା । ସେ ଦେଖିଲା ନିକଟରେ ଗୋଟିଏ ଲମ୍ବା ଓ ଶକ୍ତ ରଶି ପଡ଼ିଛି । ସେ ସେଇ ରଶିଟିକୁ ତଳକୁ ଖସାଇଲା ଏବଂ ସେଥିରେ ତାର ମୋଟା ସାଙ୍ଗକୁ ଭିଡ଼ି ବାହାର କଲା । ଦୁହେଁ ଝାଳନାଳ ଓ କାଦୁଅ ସରସର ହୋଇ ଘରକୁ ଫେରିଲେ । ଗାଁ ଲୋକ ପଚାରିଲେ କଥା କ'ଣ ? ମୋଟା ପିଲାଟି କହିଲା ମୁଁ ଗୋଟିଏ ବଡ଼ ଗାତରେ ପଡ଼ିଯାଇଥିଲି । ମୋତେ ମୋ' ସାଙ୍ଗ ଦଉଡ଼ିରେ ଭିଡ଼ି ବାହାର କଲା । ଏ କଥା ଶୁଣି ଗାଁ ଲୋକେ ହସିଲେ । ସେମାନେ କହିଲେ- ବୋକା ବନେଇବାକୁ ତୁମ ଦୁଇଜଣଙ୍କୁ ଆଉ କେହି ମିଳିଲେ ନାହିଁ ? ଖଡ଼ିକା କାଠି ଭଳି ପିଲା, ସେ ପୁଣି ହାତୀକୁ ଟାଣି ବାହାର କଲା ? ଏହା ଅସମ୍ଭବ । ତେଣୁ ଗାଁରେ କେହି ଏ କଥାକୁ ବିଶ୍ୱାସ କଲେନାହିଁ । କିନ୍ତୁ ଜଣେ ବୁଢ଼ା ଏହାକୁ ବିଶ୍ୱାସ କଲେ । ଗାଁ ଲୋକେ କହିଲେ-ମଉସା ଏହା ସମ୍ଭବ କେମିତି ? ବୁଢ଼ା କହିଲେ- ଯେହେତୁ ସେଇ ପିଲା ଏ କାମଟି କଲାବେଳକୁ ଏହାକୁ ଅସମ୍ଭବ ବୋଲି କହିବାକୁ ତୁମ ଭିତରୁ କେହି ସେଠି ନଥିଲେ । ଯେତେବେଳେ ତାର ସାଙ୍ଗ ଗାତରେ ପଡ଼ିଯାଇଥିବ, ସେତିକି ବେଳେ ସେ କେବଳ ଗୋଟିଏ ଲକ୍ଷ୍ୟରେ ଥିବ, ତାହା ହେଲା ସାଙ୍ଗକୁ କେମିତି ବାହାର କରିବ । ସେଇ ଜିଦିରେ ସେ ତାର ସାମର୍ଥ୍ୟକୁ ଅତିକ୍ରମ କରି ଅସାଧ୍ୟକୁ ସାଧ କରିପାରିଲା । ତେଣୁ କୌଣସି କଥା ଅସମ୍ଭବ ନୁହେଁ । କିନ୍ତୁ ମନ ଭିତରେ ତାହା ପଶିଗଲେ ମନର ବଳ କମିଯାଏ ଏବଂ ମନର ବଳ କମିଗଲେ ଶରୀର ବି ବଳ ପାଏନାହିଁ । ଇଂରାଜୀରେ କୁହାଯାଏ-"No emotion is more beautiful than happiness." ମନକୁ ଖୁସି ରଖିବାର ଗୋଟିଏ ବଡ଼ ତରିକା ହେଲା ସବୁବେଳେ ମନକୁ କିଛି ନା କିଛି ସକାରାତ୍ମକ ଚିନ୍ତାରେ ବୁଡ଼ାଇ ରଖିବା ଓ ଦୈନନ୍ଦିନ ଜୀବନଶୈଳୀ (Art of Living)କୁ ଯେତେ ପରିମାଣରେ ମାର୍ଜିତ ଓ ଶୃଙ୍ଖଳିତ କରାଯାଇପାରେ କରିବା ଏବଂ ସମୟ ରୂପକ ଶ୍ରେଷ୍ଠ ସମ୍ପଦକୁ ଉଚିତ ମାର୍ଗରେ ବିନିଯୋଗ କରିବା ।

-ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର, ମୋ-୯୪୩୭୦୩୬୮୦୯

# ଓଡ଼ିଶାରେ କେତେ ବିକଶିତ ସୂଚନା ଓ ପ୍ରଯୁକ୍ତି

କର୍ମେଶ୍ୱର ସ୍ୱାଇଁ

ମଣିଷ ସମାଜର କ୍ରମ ବିକାଶରେ ସୂଚନା ଓ ପ୍ରଯୁକ୍ତି (ଆଇଟି) ଏବଂ ବିଜ୍ଞାନ ଓ କାରିଗରୀ (ଏସ୍‌ଟି) ବିଦ୍ୟା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଆଇଟି ଏବଂ ଏସ୍‌ଟିର କରାମତି ହିଁ ମଣିଷ ସମାଜକୁ ଅତ୍ୟାଧୁନିକତା ଭିତରକୁ ଠେଲି ଆଣିଛି । ପୃଥିବୀର ଯେକୌଣସି ପ୍ରାନ୍ତରର ମଣିଷ ଆଜି ଆଇଟି ଏବଂ ଏସ୍‌ଟି ବ୍ୟତିରେକ ଜୀବନ ନିର୍ବାହ କରିବା ସମ୍ଭବ ନୁହେଁ । ବାସ୍ତବତା ଦେଖାଗଲେ, ସୂଚନା ଓ ପ୍ରଯୁକ୍ତି ଏବଂ ବିଜ୍ଞାନ ଓ କାରିଗରୀ ବିଦ୍ୟା ମଣିଷକୁ ଓ ତାର କାର୍ଯ୍ୟକୁ ଏତେ ସହଜ ଓ ସରଳ କରିଦେଇଛି ଯେ, ତାହା ଭାବିବାବେଳକୁ ଅତି ଆଶ୍ଚର୍ଯ୍ୟ ଲାଗୁଛି । ଏହାରି ବଳରେ ମଣିଷ ଆଜି ଅସମ୍ଭବକୁ ସମ୍ଭବ କରି ପାରୁଛି । ଘରେ ବସି ଯନ୍ତ୍ରବିଦ୍ୟା ସାହାଯ୍ୟରେ ମନଇଚ୍ଛା ନିଜର କାର୍ଯ୍ୟ କରି ପାରୁଛି, ଯାହା ବି ଦେଖିପାରୁଛି, ଶୁଣି ପାରୁଛି ବା ଜାଣି ପାରୁଛି । ମୋଟ ଉପରେ ଆଜିର ଅତ୍ୟାଧୁନିକ ଜୀବନ ନିର୍ବାହ ପାଖରୁ ଆରମ୍ଭ କରି ପରମାଣୁ ଅସ୍ତ୍ର ତିଆରି ହେଉ କି ଟିଭି, ମୋବାଇଲ୍, ରେଡିଓ, ଟେଲିଫୋନ୍, କମ୍ପ୍ୟୁଟର, ସବୁକିଛି ବିଜ୍ଞାନ ଓ ପ୍ରଯୁକ୍ତିର ଦାନ । ଆଜି ଘରେ ବସି ଆମେ କମ୍ପ୍ୟୁଟର ଯୋଗେ ବିଶ୍ୱର ଯେକୌଣସି ସ୍ଥାନ ଦେଖି ପାରୁଛେ ଓ ସୂଚନା ପାଇପାରୁଛେ । ଏପରିକି ପୁରାଣ ଯୁଗରେ ଦେବୀ ଦେବତା, ମୁନି, ଋଷିମାନେ ଆଖି ପିଛୁଳାକେ ଯାହା କରିପାରୁଥିଲେ, ଆଜି ବିଜ୍ଞାନ ଓ ପ୍ରଯୁକ୍ତି ବଳରେ ମଣିଷ ତାହା କରିପାରୁଛି । ମଣିଷ ସମାଜ ପାଇଁ ଏହାଠୁ ବଡ଼ ସଫଳତା ଆଉ କ'ଣ ହୋଇପାରେ ?

ଅନ୍ତର୍ଜାତୀୟ ସ୍ତରରେ ସୂଚନା ଓ ପ୍ରଯୁକ୍ତି ଏବଂ ବିଜ୍ଞାନ ଓ କାରିଗରୀର ବ୍ୟାପକ ଉପଯୋଗ ଦ୍ୱାରା ହିଁ କେତେକ ଦେଶ ବିକଶିତ ଦେଶରେ ପରିଣତ ହୋଇଛନ୍ତି । ଏସ୍‌ଟି ଓ ଆଇଟି କ୍ଷେତ୍ରରେ ଯେଉଁ ଦେଶ ଯେତେ ଉନ୍ନତ, ସବୁ କ୍ଷେତ୍ରରେ ସେହି ଦେଶ ସେତେ ବିକସିତ, ସମୃଦ୍ଧ ଓ ପରାକ୍ରମୀ । ଆମ ଦେଶ ଭାରତ ମଧ ଏ କ୍ଷେତ୍ରରେ ପଛରେ ପଡ଼ିନାହିଁ । ପୃଥିବୀର ଅନ୍ୟାନ୍ୟ ଦେଶ ଭଳି ଅଗ୍ରଣୀ ବିଜ୍ଞାନ ଓ ପ୍ରଯୁକ୍ତି ଏବଂ ବିଜ୍ଞାନସିଦ୍ଧ ଜ୍ଞାନ ହାସଲ ଭାରତର ମଧ ମହାନ୍ ଲକ୍ଷ୍ୟ । ଏହି ଲକ୍ଷ୍ୟ ହାସଲ ପାଇଁ ୧୯୭୧ ମଇ ମାସରେ ଆମ ଦେଶରେ ସ୍ଥାପିତ ହୋଇଥିଲା ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ (ଡିଏସ୍‌ଟି) । ଆମ ଦେଶରେ ବିଜ୍ଞାନ ଓ ପ୍ରଯୁକ୍ତିର ଭିତ୍ତି ସୁଦୃଢ଼ କରିବା ସହିତ ଗବେଷଣା ଓ ବିକାଶକୁ ତ୍ୱରାନ୍ୱିତ କରିବା ଏହାର ମୌଳିକ ଉଦ୍ଦେଶ୍ୟ । ଏଥିପାଇଁ ଦେଶର ବିଭିନ୍ନ ଅଞ୍ଚଳରେ ରହିଥିବା ସ୍ୱୟଂଚାଳିତ ବିଜ୍ଞାନ ଗବେଷଣ ପ୍ରତିଷ୍ଠାନଗୁଡ଼ିକୁ ବିଭାଗ ଆର୍ଥିକ ସହାୟତା ଯୋଗାଇ ଦେଉଛି । ଏହା ସ୍ୱୀକାର କରିବାକୁ ହେବ ଯେ, ସୂଚନା ଓ ପ୍ରଯୁକ୍ତି ଏବଂ ବିଜ୍ଞାନ ଓ କାରିଗରୀ ମାଧ୍ୟମରେ ଦେଶରେ ବହୁବିଧ ବିକାଶ ହୋଇଛି ଓ ଉନ୍ନୟନର ଚିତ୍ର ବଦଳିଯାଇଛି । ବିଜ୍ଞାନ ଓ ପ୍ରଯୁକ୍ତିର ମୂଳ ମନ୍ତ୍ର ହେଉଛି,ଗବେଷଣା ଓ ବିକାଶପୃଷ୍ଠ କାର୍ଯ୍ୟକ୍ରମ । ଅର୍ଥାତ୍ ନୂଆ ନୂଆ ଗବେଷଣା ଓ ଆବିଷ୍କାର-ଉଦ୍ଭାବନ । ଅନ୍ୟପକ୍ଷରେ ଦେଶର ଆର୍ଥିକ ବିକାଶରେ ଡ଼ିଏସ୍‌ଟିର ମୁଖ୍ୟ ପ୍ରତିଷ୍ଠାନ ବିଜ୍ଞାନ ଓ ଯାନ୍ତ୍ରିକ ଗବେଷଣା ପରିଷଦ(ଏସ୍‌ଇଆରସି) ମଧ୍ୟ ସହାୟକ ହୋଇଛି ଏବଂ ଗବେଷଣାରେ ତା'ର କ୍ଷମତା ବୃଦ୍ଧି କରିଛି । ବିଶେଷତଃ ପ୍ଲାଜ୍‌ମା ଫିଜିକ୍ସ, ଷ୍ଟ୍ରକ୍‌ଚରାଲ ବାଇଓଲଜି, ନ୍ୟୁରୋସାଇନ୍ସ, ଅର୍ଗାନିକ ସିନ୍ଥେସିସ୍, ରୋବୋଟିକ୍ସ ଏଣ୍ଡ ମ୍ୟାନୁଫ୍ୟାକ୍‌ଚରିଂ, ବାଇଓମେଡ଼ିକାଲ ଇଞ୍ଜିନିୟରିଂ ଆଦିରେ ଆନ୍ତର୍ଜାତିକ ମାନ ସୃଷ୍ଟି କରି ଏହାକୁ ପରିପୁଷ୍ଟ କରିବାରେ ଏସ୍‌ଇଆର୍‌ସି ସକ୍ଷମ ହୋଇଛି ।

ନୂଆ ନୂଆ ଆବିଷ୍କାର,ଗବେଷଣା ଓ ଉଦ୍ଭାବନ ବିଜ୍ଞାନ ଓ ପ୍ରଯୁକ୍ତିର ମୁଖ୍ୟକାର୍ଯ୍ୟ ହୋଇଥିବାବେଳେ ଏହାକୁ କାର୍ଯ୍ୟକାରୀ କରିବା ସୂଚନା ଓ ପ୍ରଯୁକ୍ତିର ପ୍ରମୁଖ କାର୍ଯ୍ୟ । ଏହି କ୍ରମରେ ସୂଚନା ଓ ପ୍ରଯୁକ୍ତି ଏବଂ ବିଜ୍ଞାନ ଓ କାରିଗରୀ କ୍ଷେତ୍ରରେ ଓଡ଼ିଶା ମଧ ବହୁ ଆଗକୁ ବଢ଼ିପାରିଥିବା କୁହାଯାଇପାରିବ । ରାଜ୍ୟରେ ସୂଚନା ଓ ପ୍ରଯୁକ୍ତିର ବିକାଶ ଯୋଗୁ ପ୍ରଶାସନିକ କାର୍ଯ୍ୟ ପ୍ରଣାଳୀ ସହଜ, ସରଳ ଓ ତ୍ୱରାନ୍ୱିତ ହୋଇ ପାରିଛି । ଇ-ଗଭର୍ଣ୍ଣାନ୍‌ସ /ଜନ ଅଭିଯୋଗ ଶୁଣାଣୀ(ସାଧାରଣ ଲୋକେ ନିଜ ଅଞ୍ଚଳରୁ ନେତା ଓ ଅଫିସରଙ୍କୁ ସିଧା ନିଜ ଆପତ୍ତି-ଅଭିଯୋଗ ଜଣାଇ ପାରିବେ)ପ୍ରକ୍ରିୟା ଅତି ସହଜସାଧ୍ୟ ହୋଇ ପାରିଛି । ବିଷେଶତଃ ରାଜ୍ୟ ସରକାରଙ୍କର ଏକାନ୍ତ ନିଷ୍ଠା ଓ ଆନ୍ତରିକତା ଯୋଗୁ ଓକାକ୍ କାର୍ଯ୍ୟ ତ୍ୱରାନ୍ୱିତ ହେବା ସହ ଆଇଟି କ୍ଷେତ୍ରରେ ଓଡ଼ିଶା ବିକଶିତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେବେ ଆମ ରାଜ୍ୟର ବହୁ ଆଇଟି ଛାତ୍ରଛାତ୍ରୀ କର୍ମ ନିଯୁକ୍ତି ପାଇଁ ବାହାର ଦେଶ ଓ ରାଜ୍ୟକୁ ଚାଲିଯାଉଥିବାରୁ ଏହି ପ୍ରକ୍ରିୟାକୁ ରୋକିବା ପାଇଁ ତଥା ଆଇଟି କ୍ଷେତ୍ରରେ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି ନିମନ୍ତେ ଓଡ଼ିଶାରେ ନିଜ କାର୍ଯ୍ୟାଳୟ ଖୋଲିବାକୁ ବଡ଼ବଡ଼ କମ୍ପାନୀଙ୍କ ସହିତ ସରକାରଙ୍କର ଆଲୋଚନା ହୋଇ ସାରିଥିବା ଜଣାପଡ଼ିଛି । ରାଜ୍ୟରେ ଆଇଟିର ଅଭୂତପୂର୍ବ ବିକାଶ ହେତୁ ଆଜି କୌଣସି ବ୍ୟକ୍ତି ସରକାରୀ/ବେସରକାରୀ ଅଫିସ୍‌ରୁ ସୂଚନା ଜାଣିବା ପାଇଁ ଭୁବନେଶ୍ୱର ବା ଅନ୍ୟାନ୍ୟ ଅଫିସକୁ ଦୌଡ଼ିବାକୁ ପଡୁନାହିଁ । ସୂଚନା ଓ ପ୍ରଯୁକ୍ତିର କରିସ୍ମା ଯୋଗୁ ଘରେ ବସି ଆମେ ସୂଚନା ପାଇବା ଆମ ପାଇଁ/ଆମ ରାଜ୍ୟ ପାଇଁ ବେଶ ଗର୍ବ ଓ ଗୌରବ କଥା । ଯଦିଓ ୧୫ ମାର୍ଚ୍ଚ ୨୦୦୦ ମସିହାରେ ଆମ ରାଜ୍ୟରେ ସୂଚନା ଓ ପ୍ରଯୁକ୍ତି ବିଭାଗ ପ୍ରତିଷ୍ଠା ହୋଇଥିଲା, ହେଲେ ୨୦୧୦ ମସିହାରୁ ଏ ଦିଗରେ ଅଭୂତପୂର୍ବ ବିକାଶ ହୋଇଚାଲିଛି । ଯଦ୍ୱାରା ଏବେ ଆଇଟି କ୍ଷେତ୍ରରେ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇ ପାରିଛି । ଏପରିକି ଆଇଟି କ୍ଷେତ୍ର ରାଜ୍ୟର ବେକାରୀ ସମସ୍ୟାକୁ କିଛି ମାତ୍ରାରେ ହ୍ରାସ କରିପାରିବ ବୋଲି ସୂଚନା ଓ ପ୍ରଯୁକ୍ତି ବିଶେଷଜ୍ଞମାନେ ମତ ପ୍ରକାଶ କରୁଛନ୍ତି ।

ସେହିପରି ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଦ୍ୱାରା ନୂଆନୂଆ ଗବେଷଣା ଓ ଆବିଷ୍କାର ଓଡ଼ିଶାକୁ ବିକାଶ ଦିଗରେ ଆଗେଇ ନେବାକୁ ସହାୟକ ହୋଇଛି । ଜଳ ସଂରକ୍ଷଣ, ସୌରଶକ୍ତି, ବିକଳ୍ପ ଜାଳେଣି-ଇନ୍ଧନ, ଚାଷ କାର୍ଯ୍ୟରେ ଅଳ୍ପ ବ୍ୟୟରେ ଅଧିକ ଫସଲ ଆମଦାନୀ, ପାଣିପାଗ, ନୂଆ ନୂଆ ଆବିଷ୍କାର ପାଇଁ ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଅଧୀନସ୍ଥ ଓରେଡ଼ା, ଓର୍ସାକ, ଓଡ଼ିଶା ବିଜ୍ଞାନ ଏକାଡେମୀ, ପଠାଣୀ ସାମନ୍ତ ପ୍ଲାନେଟୋରିୟମ୍ , ଆଇଏମ୍‌ଏସ୍ ଓ ଆଇଏମ୍‌ଏ ନିୟମିତ ଚେଷ୍ଟା ଜାରି ରଖିଛନ୍ତି । ସୂଚନାଯୋଗ୍ୟ ଯେ, ୨୦୧୦ରେ ତତ୍କାଳୀନ ବିଭାଗୀୟ ମନ୍ତ୍ରୀ ରମେଶ ମାଝୀଙ୍କ ଉଦ୍ୟମକ୍ରମେ ରାଜ୍ୟର ଦୁର୍ଗମ ଅଞ୍ଚଳରେ ଥିବା ୧୦୦୦ ଗ୍ରାମକୁ ସୌରଶକ୍ତି ମାଧ୍ୟମରେ ବିଜୁଳି ଯୋଗାଇ ଦେବାର ନିଷ୍ପତ୍ତି ନିଆଯାଇ କାର୍ଯ୍ୟକାରୀ ହୋଇଥିଲା । ଅନ୍ୟାନ୍ୟ ପଦକ୍ଷେପ ମଧ୍ୟରେ ଯୁବ ବୈଜ୍ଞାନକମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ପୁରଷ୍କାର ପ୍ରଦାନର ବ୍ୟବସ୍ଥା କରାଯାଇଛି । ପ୍ରତିବର୍ଷ ୫୦ ଜଣ କୃତୀ ବିଜ୍ଞାନ ଛାତ୍ରଛାତ୍ରୀଙ୍କୁ ମାସିକ ବୃତ୍ତି ପ୍ରଦାନ କରାଯାଉଛି । ସେହିପରି ଓଡ଼ିଶା ବିଜ୍ଞାନ ଏକାଡ଼େମୀ ପକ୍ଷରୁ 'ଏକାଡ଼େମୀ ପୁରଷ୍କାର' ନିୟମିତ ପ୍ରଦାନର ବ୍ୟବସ୍ଥା କରାଯାଇଛି । ମୋଟ ଉପରେ ଓଡ଼ିଶାର ସାମଗ୍ରୀକ ବିକାଶରେ ସୂଚନା ଓ ପ୍ରଯୁକ୍ତି ଏବଂ ବିଜ୍ଞାନ ଓ କାରିଗରୀର ସକ୍ରିୟତା ଏକାନ୍ତ ଆବଶ୍ୟକ ହୋଇପଡ଼ିଛି । ଏଇ ଅବସ୍ଥାରେ ପ୍ରଯୁକ୍ତି ବିକାଶ କାର୍ଯ୍ୟକ୍ରମକୁ ପୁନର୍ବିନ୍ୟାସ କରାଯାଇ ରାଜ୍ୟରେ ବିଜ୍ଞାନ ଓ କାରୀଗରୀ କାର୍ଯ୍ୟକୁ ସକ୍ରିୟ କରାଇବାକୁ ପଡ଼ିବ । ତେବେ ଏଥିପାଇଁ ବିଭାଗୀୟ ମନ୍ତ୍ରୀ ଏବଂ ସଚିବଙ୍କର ନିଷ୍ଠା-ଆନ୍ତରିକତାର ଆବଶ୍ୟକତା ରହିଛି ।




# ବଡ଼ ଦୋଗଡ଼ାରେ 'ଯଶୋଦା ନନ୍ଦନ କାହ୍ନା' ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ




ଯାଜପୁର:ଦଶରଥପୁର ବ୍ଲକ୍ ବଡ଼ ଦୋଗଡ଼ା ଗ୍ରାମର ଶ୍ରୀ ଶ୍ରୀ ଗୋପୀନାଥଜୀଉ ମନ୍ଦିର ପ୍ରାଙ୍ଗଣରେ ଅଧିକାରୀ ନବକିଶୋର ଦାସଙ୍କ ରଚିତ 'ଯଶୋଦା ନନ୍ଦନ କାହ୍ନା' ପୁସ୍ତକ ଲୋକାର୍ପିତ ହୋଇଯାଇଛି । ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଂସ୍କୃତବିତ୍ ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବରେଣ୍ୟ ଅତିଥିଭାବେ ରୁଦ୍ରନାରାୟଣ ସାହୁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହ ଉତ୍ସବର ଶୁଭାରମ୍ଭ କରିଥିଲେ । ଲେଖକ ଅଧିକାରୀ ନବକିଶୋର ଦାସ ପୁସ୍ତକର ଅନ୍ତର୍ନିହିତ ଉଦ୍ଦେଶ୍ୟ ଓ ସମାଜ ପ୍ରତି ତାହାର ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ମୁଖ୍ୟ ବକ୍ତାଭାବେ ଯାଜପୁର ଜିଲ୍ଲା ସଂସ୍କୃତି, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗଦେଇ ଲେଖକଙ୍କ ଦ୍ୱାରା ରଚିତ ପୁସ୍ତକଗୁଡ଼ିକର ସରଳ, ବୋଧଗମ୍ୟ ଭାଷା ଏବଂ ବିଶେଷତ୍ୱ ବୋଲି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥିଭାବେ ସମାଜସେବୀ ହୃଷିକେଶ ପତି ଯୋଗଦେଇ ଲେଖକ ଜଣେ ଆଧ୍ୟାତ୍ମବାଦୀ, ସମାଜ ସଂସ୍କାରକ ଓ ଧାର୍ମିକ ପରମ୍ପରାର ପୃଷ୍ଠପୋଷକ ବୋଲି ଉଲ୍ଲେଖ କରିବା ସଙ୍ଗେ ସଙ୍ଗେ ତାଙ୍କର ଲେଖା ଓ ଲେଖନୀ ଚିରଞ୍ଜିବୀ ହେଉ ବୋଲି ଗୋପୀନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଏହି ପୁସ୍ତକ ଲୋକାର୍ପଣ ଉତ୍ସବରେ ବ୍ୟାସନଗର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ବାସୁଦେବ ନନ୍ଦ, ସଂସ୍କୃତବିତ୍ ରାଧାନାଥ ପଣ୍ଡା, ଶିକ୍ଷାବିତ୍ କ୍ଷୀରୋଦ ଚନ୍ଦ୍ର ପାଠୀ, ପ୍ରକାଶକ ନିରଞ୍ଜନ ରାଉତ, ସେବିକା ଅନ୍ନପୂର୍ଣ୍ଣା ଦାସ, ଶ୍ରୀମତୀ ବନିତା ଦାସ, ମା'ଟିଭିର ସମ୍ବାଦ ପାଠକ ମୀନକେତନ ସାହୁଙ୍କୁ ପାଠକୀୟ ସମ୍ମାନରେ ସମ୍ମାନୀତ କରାଯିବା ସଙ୍ଗେ ସଙ୍ଗେ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ଉତ୍ସବର ପ୍ରାରମ୍ଭରେ ନରୁଆ ମଠ ପକ୍ଷରୁ ମହନ୍ତଙ୍କ ପ୍ରତିନିଧି ଗୌରାଙ୍ଗ ଚରଣ ନାୟକ ଦଶାବତାର ସ୍ତୋତ୍ରପାଠ କରିଥିଲେ । ସମାଜସେବୀ ପ୍ରୀତିକାନ୍ତ ଦାଶ ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ପରିଚୟ ପ୍ରଦାନ କରିଥିଲେ । ଯାଜପୁର ବିଧାୟକଙ୍କ ପ୍ରତିନିଧି ମୁକ୍ତିକାନ୍ତ ପଣ୍ଡା, ପୋଲିସ ପ୍ରଶାସକ ଗଦାଧର ରାଉତ, ଯାଜପୁର ବରିଷ୍ଠ ନାଗରିକ ସଂଘ ସମ୍ପାଦକ ପ୍ରବୋଧ କୁମାର ନାୟକ, ଡ. ସୁରେନ୍ଦ୍ର କୁମାର ମିଶ୍ର, ପଣ୍ଡିତ ବସନ୍ତ କୁମାର ପତି, ଅନ୍ୱେଷଣ ସଭାପତି ବୃନ୍ଦାବନ ମିଶ୍ର, ଅଭିମନ୍ୟୁ ମିଶ୍ର, ପ୍ରଦୀପ କୁମାର ଦାସ, ନିକିତା ଦାସ, ହରିହର ପାଣିଗ୍ରାହୀ, ମଧୁସୂଦନ ମହାନ୍ତି, ମା'ଟିଭିର ନିର୍ଦ୍ଦେଶକ ଅର୍ପଣ ରାଉତରାୟ, ବୃନ୍ଦାବନ ସାହୁ, ଶ୍ରୀକାନ୍ତ ଦାସ ପ୍ରମୁଖ ଯୋଗଦେଇଥିଲେ । ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟଙ୍କୁ ସଭାପତି ଓ ମଞ୍ଚାସୀନ ଅତିଥିମାନେ ପ୍ରଶଂସାପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ଶେଷରେ ଭାରତୀୟ ଜୀବନବୀମା ଅଧିକାରୀ ସୁବାସ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ । ନିମନ୍ତ୍ରିତ ସମସ୍ତଙ୍କୁ ଶ୍ରୀ ଶ୍ରୀ ଗୋପୀନାଥଜୀଉଙ୍କ ପ୍ରସାଦ ଅର୍ପଣ କରାଯାଇଥିଲା ।

## ଆଇ.ଆଇ.ଟି ହାଇଦ୍ରାବାଦର ଜାଲି ରିପୋର୍ଟ ମାମଲା

ଭୁବନେଶ୍ୱର: କେନ୍ଦ୍ରାପଡ଼ା ଜିଲ୍ଲା ଖରସ୍ରୋତା ନଦୀରେ ନିର୍ମାଣଧୀନ ମେଗା ପାଇପ ଜଳ ପ୍ରକଳ୍ପରେ ଆଇ.ଆଇ.ଟି ହାଇଦ୍ରାବାଦର ଜାଲି ରିପୋର୍ଟ ଦେଖାଇ ସରକାର ପ୍ରକଳ୍ପ ମଂଜୁର କରିଛନ୍ତି । ଖରସ୍ରୋତା ନଦୀ ଉପରେ ଭଦ୍ରକ ଜିଲ୍ଲା ପାଇଁ ହେଉଥିବା ୧ ହଜାର କୋଟି ଟଙ୍କାର ସଂପୂର୍ଣ୍ଣ ମେଗାପାଇପ ଜଳ ପ୍ରକଳ୍ପଟି ଏକ ଘୋଟାଲା ବୋଲି ଆଇଆଇଟି ହାଇଦ୍ରାବାଦ କର୍ତ୍ତୃପକ୍ଷ ଦେଇଥିବା ତଥ୍ୟରୁ ପ୍ରମାଣିତ ବୋଲି କଂଗ୍ରେସ ମୁଖପାତ୍ର ସତ୍ୟ ପ୍ରକାଶ ନାୟକ କହିଛନ୍ତି । ଆଜି କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରକଳ୍ପ ମଂଜୁରୀ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଆଇଆଇଟି ହାଇଦ୍ରାବାଦର ଜାଲି ରିପୋର୍ଟ ରାଜ୍ୟ ଇତିହାସର ସବୁଠାରୁ କଳଙ୍କିତ ଘଟଣା ବୋଲି କୁହାଯାଇଛି । ପରିବେଶ ମଂଜୁରୀ ପାଇଁ ଜାଲ ରିପୋର୍ଟ ପ୍ରଦାନ କରିବା ଏକ ଧର୍ତ୍ତବ୍ୟ ଅପରାଧ ଏଥିପାଇଁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ସହ ଆରଡବ୍ଲୁଏସ୍‌ଏସ୍‌ର ମୁଖ୍ୟଯନ୍ତ୍ରୀଙ୍କ ବିରୋଧରେ ମକଦମା ରୁଜୁ କରାଯିବା ପାଇଁ କଂଗ୍ରେସ ଦାବି କରୁଛି । ଯେହେତୁ ଜାଲ ରିପୋର୍ଟ ବଳରେ ପ୍ରକଳ୍ପକୁ ମଂଜୁରୀ ଦିଆଯାଇଛି ତେଣୁ ଧରାପଡ଼ିବା ପରେ ସଂପୂର୍ଣ୍ଣ ପ୍ରକଳ୍ପ ବେଆଇନ ଏବଂ ଅବୈଧ ତେଣୁ ତୁରନ୍ତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବନ୍ଦ କରାଯାଉ ବୋଲି କଂଗ୍ରେସ ପକ୍ଷରୁ ସତ୍ୟପ୍ରକାଶ ନାୟକ ଦାବି କରିଛନ୍ତି ।

# ଜଣେ ବୃଦ୍ଧା ମୃତ ଅକ୍ଷତେ ବର୍ତିଲେ ୫ଶିଶୁ



ଫୁଲବାଣୀ:କନ୍ଧମାଳ ଜିଲ୍ଲା ଖଜୁରୀପଡା ଥାନା ଅନ୍ତର୍ଗତ ଗାଡିଆପଡା ସନ୍ନିକଟ ଏକ ଜଳଭରା ନାଳରେ ସ୍ଥାନୀୟ ଅଂଚଳର ସୁମିତ୍ରା ଯାନୀ ବୟସ ୬୭ଭାସି ଯାଉଥିଲେ । ଆଜି ସୁମିତ୍ରା ନିଜର ଛେଳି ଚରାଇବାକୁ ଯାଇ ଘରକୁ ଫେରୁଥିବା ସମୟରେ ନାଳ ପାର ହେଉଥିବା ବେଳେ ଗୋଡ ଖସି ପାଣିରେ ବୃଦ୍ଧା ଜଣକ ଭାସିଯାଇଥିଲେ । ଘଟଣା ପରେ ପରିବାର ଲୋକେ ତୁରନ୍ତ ଅଗ୍ନିଶ୍ରମ ବିଭାଗକୁ ଖବର ଦେଇଥିଲେ ଅଗ୍ନିଶ୍ରମ ବିଭାଗ ଘଟଣା ସ୍ଥଳରେ ପହଂଚି ଖୋଜାଖୋଜି କରି ବୃଦ୍ଧାଙ୍କୁ ପାଣିରୁ ଉଦ୍ଧାର କରି ଖଜୁରୀପଡ଼ା ମେଡିକାଲରେ ଭର୍ତି କରାଇଥିଲେ କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପରେ ସୁମିତ୍ରାଙ୍କ ପୁଅ ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିବା ବେଳେ କାଲି ଶବ ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି । ସେହିଭଳି ଆଜି ଅପରାହ୍ନରେ ପ୍ରବଳ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିବା ବେଳେ ଆର.ନୁଆଗାଁ ପିପଲ ସାହି ଠାରେ ଗଛତଳେ ଥିବା ୫ଜଣ ଶିଶୁ ସେମାନଙ୍କ ନିକଟରେ ହଠାତ ବଜ୍ରପାତ କାରଣରୁ ଚେତାଶୁନ୍ୟ ହୋଇ ତଳେ ପଡିଯାଇଥିଲେ । ଘଟଣା ସମ୍ପର୍କରେ ଜାଣିପାରି ପରିବାର ଲୋକେ ଏବଂ ସ୍ଥାନୀୟ ଆଶାକର୍ମୀ ଝୁନୁବତୀ ପ୍ରଧାନ ଏବଂ ଅଙ୍ଗନୱାଡି କର୍ମୀ ମୋତିମାଳ ଘଟାଲ ତୁରନ୍ତ ୧୦୮କୁ ଯୋଗାଯୋଗ କରି ମେଡିକାଲ ଆଣିଥିବା ବେଳେ ଏଠାରେ ଡାକ୍ତର ଉତମ ବିଶ୍ୱାଳ ପ୍ରଥମିକ ଚିକିତ୍ସା କରିବା ସହ ଅଧିକ ଚିକିତ୍ସା ପାଇଁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି । ଏନେଇ ଡାକ୍ତର ବିଶ୍ୱାଳ ପିଲାମାନଙ୍କ ସ୍ୱାସ୍ଥ୍ୟ ଠିକ ଅଛି କିନ୍ତୁ ଅନ୍ୟକିଛି ପରିକ୍ଷା ପାଇଁ ବଜ୍ରପାତର ଶିକାର ହୋଇଥିବା ମହେଶ୍ୱତା କହଁର(୧୧) ପୂଜାବେହେରା (୭)ଶ୍ରାବଣୀ କହଁର(୮)ଇଚ୍ଛାରାଣୀ କହଁର(୬)ଶିବୁ ବେହେରା (୮)ଙ୍କୁ ଫୁଲବାଣୀ ପଠାଯାଇଛି ବୋଲି ଡାକ୍ତର ବିଶ୍ୱାଳ କହିଛନ୍ତି ।

## ଝାରଖଣ୍ଡରୁ ଓଡିଆ ଭାଷାରେ ପାଠ ପଢା ଉଚ୍ଛେଦ ନିଷ୍ପତିରେ ରାଜ୍ୟ ସରକାର ଚୁପ କାହିଁକି : ପ୍ରଦୀପ୍ତ ନାଏକ

ଭୁବନେଶ୍ୱର: ଝାରଖଣ୍ଡ ସରକାର ଏବେ ଓଡିଆ ଭାଷାକୁ ସ୍କୁଲ କଲେଜରୁ ଉଚ୍ଛେଦ କରିବା ନେଇ ନିଷ୍ପତି ପରେ ବର୍ତମାନ ଯାଏ ନୀବରତାକୁ ନେଇ ରାଜ୍ୟ ସରକାରଙ୍କୁ କାଠଗଡାରେ ଠିଆ କରାଇଛନ୍ତି ବିରୋଧୀ ଦଳର ନେତା ପ୍ରଦୀପ୍ତ କୁମାର ନାଏକ । ରାଜ୍ୟ ସରକାର ଝାରଖଣ୍ଡ ସରକାରଙ୍କ ସହିତ ଆଲୋଚନା କରି ଏହି ନିଷ୍ପତିକୁ ପ୍ରତ୍ୟାହୃତ କରାନ୍ତୁ ବୋଲି ସେ ଦାବି କରିଛନ୍ତି ।ଶ୍ରୀ ନାଏକ ସୋସିଆଲ ମିଡିଆରେ ଲେଖିଛନ୍ତି ଯେ – ଝାରଖଣ୍ଡ ସରକାର ଏବେ ଓଡିଆ ଭାଷାକୁ ସ୍କୁଲ କଲେଜରୁ ଉଚ୍ଛେଦ କରିବା ନେଇ ନିଷ୍ପତି ନେଇଛନ୍ତି । ଏହା ପ୍ରତିଟି ଓଡିଆଙ୍କ ପାଇଁ ଅତ୍ୟନ୍ତ ଦୁଃଖଦ ଖବର । ଏଣିକି ଝାରଖଣ୍ଡରେ ଓଡିଆ ଭାଷାଭାଷୀ ଅଂଚଳ ଷଢେଇକଳା, ଖରସୁଆଁ, ସିଂହଭୂମି ଆଦିରେ ରହୁଥିବା ଲକ୍ଷ ଲକ୍ଷ ଆମ ଓଡିଆ ପିଲାମାନେ ଆଉ ସ୍କୁଲ କଲେଜରେ ଓଡିଆ ଭାଷା ପଢିପାରିବେ ନାହିଁ । ଆମ ପାଇଁ ଆମ ଭାଷା ସ୍ୱାଭୀମାନର ପ୍ରତୀକ । ସେଠାରେ ରହୁଥିବା ଓଡିଆମାନଙ୍କୁ ସେମାନଙ୍କର ମୁଳ ସଂସ୍କୃତିରୁ ବିଛିନ୍ନ କରିବା ପାଇଁ ଝାରଖଣ୍ଡ ସରକାରଙ୍କର ଏହା ଏକ କୁଯୋଜନା । ଏହି ନିଷ୍ପତି ଲାଗୁ ହେଲେ ଆଉ କିଛି ବର୍ଷ ପରେ ସେଠାରେ ଓଡିଆ କହିବା ଲୋକ, ଲେଖିବା ଲୋକ ମିଳିବେନି । ଝାରଖଣ୍ଡରେ ଓଡିଆ ଭାଷା ମରିଯିବ । ଆମେ ଯେଉଁ ମାନେ ଓଡିଶାରେ ରହୁଛେ ଆମର କଣ କିଛି କର୍ତ୍ୟବ ନାହିଁ କି ? ଅନେକ ଦିନ ହେଲାଣି ଏହା ଓଡିଶା ସରକାରଙ୍କ ଦୃଷ୍ଟିକୁ ଆସିସାରିଥିବାବେଳେ କାହିଁକି ସରକାର ଚୁପ୍ ବସିଛନ୍ତି ବୁଝି ହେଉନାହିଁ । ୨୦୧୧ ମସିହାରେ ଝାରଖଣ୍ଡରେ ଅର୍ଜୁନ ମୁଣ୍ଡା ମୁଖ୍ୟମନ୍ତ୍ରୀ ଥିବା ବେଳେ ଓଡିଆ ଭାଷା ଦ୍ୱିତୀୟ ରାଜ୍ୟଭାଷାର ମାନ୍ୟତା ପାଇଥିବା ବେଳେ ହଠାତ ୧୦ ବର୍ଷ ପରେ କାହିଁକି ସେହି ରାଜ୍ୟର ସରକାର କାହିଁକି ସେହି ନିଷ୍ପତି ପ୍ରତ୍ୟାହାର କରିଲେ ଏହାର ପ୍ରତିବାଦ ଓଡିଶା ସରକାର କରିବା ଉଚିତ୍ । ଯଦି ଲୋକ ସଂଖ୍ୟା କମ ଥାଇବି ଝାରଖଣ୍ଡରେ ଉର୍ଦ୍ଦୁ ଭାଷାରେ ପାଠ ପଢାଯାଇ ପାରିବ ତାହେଲେ ଓଡିଆରେ କାହିଁକି ନୁହେଁ, ଏହାର ଜବାବ ମଧ୍ୟ ଝାରଖଣ୍ଡ ସରକାରଙ୍କୁ ଦେବାକୁ ପଡିବ ।

## ଓଡ଼ିଶା ପତ୍ରକାର ସଂଘର ଦ୍ୱାଦଶ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର:ସମାଜ ଗଠନରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେ ପାରମ୍ପରିକ ଗଣମାଧ୍ୟମ ହେଉ ବା ସାମାଜିକ ଗଣମାଧ୍ୟମ, ତୃଣମୂଳସ୍ତର ଖବରକୁ ଗୁରୁତ୍ୱ ଦେବା ସହ ଲୋକଙ୍କ ସମସ୍ୟା ଉତ୍‌ଥାପନ କରି ପ୍ରଶାସନ ପାଖରେ ପହଂଚାଇବା ସହ ଅବହେଳିତ ଲୋକଙ୍କୁ ନ୍ୟାୟ ଦେବା ଆବଶ୍ୟକ। ସାମାଜିକ ଗଣମାଧ୍ୟମ ଓ ପାରମ୍ପରିକ ଗଣମାଧ୍ୟମରେ କିଛି ଫରକ ନାହିଁ। ସମାଜ ତଥା ଅବହେଳିତଙ୍କ ପାଇଁ ସଦା କାର୍ଯ୍ୟ କରିବା ଉଚିତ୍ ବୋଲି ବକ୍ତାମାନେ କହିଛନ୍ତି ।ଓଡ଼ିଶା ପତ୍ରକାର ସଂଘର ଦ୍ୱାଦଶ ପ୍ରତିଷ୍ଠା ଦିବସ ଅବସରରେ ଉଦ୍‌ଘାଟକ ଭାବେ ବିଜ୍ଞାନ, କାରିଗରୀ କୌଶଳ ଓ ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ପାରମ୍ପରିକ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସାଂସଦ ପ୍ରତାପ ଷଡ଼ଙ୍ଗୀ ଯୋଗଦେଇ ସାମାଜିକ ଗଣମାଧ୍ୟମ ଏବେ କିଭଳି ଗ୍ରାମାଂଚଳ ଠାରୁ ସହରାଂଚଳ ତଥା ଦେଶ, ବିଦେଶକୁ ଗୋଟିଏ ପରିବାର ଭାବେ ଯୋଡ଼ିଛି ତାହା ଉପରେ ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଡ. ଅରବିନ୍ଦ ଢାଲୀ, ବିଜେପି ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂ, ରାଜ୍ୟ ସୂଚନା କମିଶନର ଦିଲିପ ବିଶୋଇ, ବରିଷ୍ଠ ସାମ୍ବାଦିକ ରବି ଦାସ, ରାଜାରାମ ଶତପଥୀ, କେଦାର ମିଶ୍ର ପ୍ରମୁଖ ଯୋଗଦେଇ ପାରମ୍ପରିକ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ସଂଘର ପ୍ରତିଷ୍ଠାତା ସଭାପତି ସୁରେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଜ୍ୟ ସଭାପତି ଅବିନାଶ ମିଶ୍ର, ସାମ୍ବାଦିକଙ୍କ ସମସ୍ୟା ଓ ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିବା ବେଳେ ଉପସଭାପତି ହରପ୍ରସାଦ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଅଶ୍ୱିନୀ ପତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବରିଷ୍ଠ ଉପସଭାପତି ସୁରେଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଝାରସୁଗୁଡାରେ ଇଏସଆଇସି ଉପ ଆଂଚଳିକ କାର୍ଯ୍ୟାଳୟ ଖୋଲିବାକୁ କେନ୍ଦ୍ର ଶ୍ରମମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି

ନୂଆଦିଲ୍ଲୀ/ଭୁବନେଶ୍ୱର: ପଶ୍ଚିମ ଓଡ଼ିଶାର ଇଏସଆଇ କର୍ମଚାରୀ ତଥା ଇଏସଆଇସିର ହିତାଧିକାରୀଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ସ୍ଥିତ ଇଏସଆଇସି ଆଂଚଳିକ କାର୍ଯ୍ୟାଳୟ ଅନ୍ତର୍ଗତ ଝାରସୁଗୁଡ଼ା ଠାରେ ଇଆସଆଇସିର ଉପ ଆଂଚଳିକ କାର୍ଯ୍ୟାଳୟ ପ୍ରତିଷ୍ଠା କରିବା ପାଇଁ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଭୂପେନ୍ଦର ଯାଦବଙ୍କୁ ପତ୍ର ଲେଖି ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡିଛନ୍ତି ।ସେହିପରି ଅନ୍ୟ ଏକ ପୃଥକ ପତ୍ରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଓଡ଼ିଶାର ବିଭିନ୍ନ ସ୍ଥାନରେ ୧୨ଟି ନୂତନ ଡିସପେନସାରୀ ସ୍ଥାପନା ଏବଂ ଝାରସୁଗୁଡ଼ା ଜିଲ୍ଲାର ବ୍ରଜରାଜ ନଗରରେ ଥିବା ଡିସପେନସାରୀକୁ ବେଲପାହାଡ଼କୁ ସ୍ଥାନାନ୍ତରିତ କରିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ କେନ୍ଦ୍ରମନ୍ତ୍ରୀ ଶ୍ରୀ ଯାଦବଙ୍କୁ ଅନୁରୋଧ କରିଛନ୍ତି। ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ୨୦୨୦ ସୁଦ୍ଧା ଭୁବନେଶ୍ୱର ସ୍ଥିତ ଇଏସଆଇସି ଆଂଚଳିକ କାର୍ଯ୍ୟାଳୟ ସହ ୭.୪୧ ଲକ୍ଷ ବୀମାଭୁକ୍ତ ବ୍ୟକ୍ତି ସମ୍ପୃକ୍ତ ଅଛନ୍ତି। ଭୁବନେଶ୍ୱରରେ ଥିବା ଇସଆଇସିର ଆଂଚଳିକ କାର୍ଯ୍ୟାଳୟ ଓଡ଼ିଶାର ପୂର୍ବାଂଚଳରେ ଥିବା କାରଣରୁ ପଶ୍ଚିମ ଓଡ଼ିଶାରେ ବସବାସ କରୁଥିବା କର୍ମଚାରୀ ଏବଂ ହିତାଧିକାରୀଙ୍କୁ ଏହି କାର୍ଯ୍ୟାଳୟକୁ ଯିବା ପାଇଁ ଦୂରଦୂରାନ୍ତରରୁ ଯାତ୍ରା କରିବାକୁ ପଡୁଛି । ତେଣୁ ଏହାକୁ ଦୃଷ୍ଟିରେ ରଖି ଝାରସୁଗୁଡ଼ାରେ ଇଏସଆଇସିର ଉପ ଆଂଚଳିକ କାର୍ଯ୍ୟାଳୟ କରାଗଲେ ସ୍ଥାନୀୟ ଲୋକମାନେ ଉପକୃତ ହୋଇପାରିବେ। ଏହି ମର୍ମରେ କେନ୍ଦ୍ରମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶାରେ ଥିବା ୩୦ଟି ଜିଲ୍ଲା ମଧ୍ୟରୁ ଭୁବନେଶ୍ୱରରେ ଥିବା ଆଂଚଳିକ କାର୍ଯ୍ୟାଳୟ ୧୭ଟି ଜିଲ୍ଲା ନିକଟବର୍ତ୍ତୀ ରହିଛି ଏବଂ ସହଜରେ ଲୋକ ଏଠାକୁ ଆସିପାରୁଛନ୍ତି । ଝାରସୁଗୁଡ଼ାରେ ପ୍ରସ୍ତାବିତ ଉପ ଆଂଚଳିକ କାର୍ଯ୍ୟାଳୟ କରାଗଲେ ୧୩ଟି ଜିଲ୍ଲା ମଧ ଏହାର ନିକଟବର୍ତୀ ହେବ। ଦେଶର ଅନେକ ରାଜ୍ୟରେ ଇଏସଆଇସିର ୧ କିମ୍ବା ତଦୁର୍ଦ୍ଧ୍ୱ ଉପ ଆଂଚଳିକ କାର୍ଯ୍ୟାଳୟ ରହିଛି। କିନ୍ତୁ ଓଡ଼ିଶାରେ ବର୍ତମାନ ସୁଦ୍ଧା କୌଣସି ଉପ ଆଂଚଳିକ କାର୍ଯ୍ୟାଳୟ ପ୍ରତିଷ୍ଠା କରାଯାଇ ନାହିଁ। ଫଳରେ ଭୁବନେଶ୍ୱରର ଇଏସଆଇ ଆଂଚଳିକ କାର୍ଯ୍ୟାଳୟ ଓଡ଼ିଶାର ପଶ୍ଚିମାଂଚଳରୁ ଅନେକ ଅଭିଯୋଗ ପତ୍ର ନିଯୁକ୍ତଦାତା ଏବଂ କର୍ମଚାରୀଙ୍କ ଠାରୁ ଗ୍ରହଣ କରିଆସୁଛି। ତେଣୁ ପଶ୍ଚିମ ଓଡ଼ିଶାର କର୍ମଚାରୀ ଏବଂ ଇଏସଆଇସି ହିତାଧିକାରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଝାରସୁଗୁଡ଼ା ଠାରେ ଇଏସଆଇସିର ଉପ ଆଂଚଳିକ କାର୍ଯ୍ୟାଳୟ ସ୍ଥାପନ କରିବା ପାଇଁ ବ୍ୟକ୍ତିଗତ ହସ୍ତକ୍ଷେପ କରି ମନ୍ତ୍ରଣାଳୟର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ପାଇଁ କେନ୍ଦ୍ରମନ୍ତ୍ରୀ ଅନୁରୋଧ କରିଛନ୍ତି ।ଅନ୍ୟ ଏକ ପୃଥକ ପତ୍ରରେ ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟ ସରକାରଙ୍କ ଦ୍ୱାରା ଓଡ଼ିଶାର ବିଭିନ୍ନ ଅଂଚଳ ଯଥା ତାଳଚେର, ଜଳେଶ୍ୱର, ନୀଳଗିରି, ସୋର, ଧାମରା, ତ୍ରିଶୁଳିଆ, ଓଡ଼ସପୁର, ଜଗତସିଂହପୁର, ଯୋଡ଼ା, ନିମାପଡ଼ା, ବଣେଇ ଏବଂ କୋଇରାରେ ୧୨ଟି ନୂତନ ଡିସପେନସାରୀ ଖୋଲାଯିବା ପାଇଁ ପ୍ରସ୍ତାବ ରହିଛି । ଏହାସହ ଝାରସୁଗୁଡ଼ା ଜିଲ୍ଲାର ବ୍ରଜରାଜ ନଗରରେ ଥିବା ଏକ ଡିସପେନସାରୀକୁ ବେଲପାହାଡ଼କୁ ସ୍ଥାନାନ୍ତର କରିବା ପାଇଁ ଇଏସଆଇ କର୍ପୋରେସନର ମୁଖ୍ୟ କାର୍ଯ୍ୟାଳୟକୁ ପ୍ରସ୍ତାବ ଦିଆଯାଇଛି। ଓଡ଼ିଶାର ଜନସଂଖ୍ୟାଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ବ୍ୟକ୍ତିଗତ ହସ୍ତକ୍ଷେପ କରି ତ୍ୱରିତ ପଦକ୍ଷେପ ନେବାକୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି ।ଓଡ଼ିଶା ସରକାର ଯୋଡ଼ାକୁ ବାଦ୍ ଦେଇ ୧୨ଟି ଡାକ୍ତରଖାନା ସ୍ଥାପନା ସହ ବ୍ରଜରାଜନଗରରୁ ବେଲପାହାଡ ଡିସପେନସାରୀକୁ ସ୍ଥାନାନ୍ତରଣ କରିବା ପାଇଁ ମଞ୍ଜୁରୀ ଦେଇଥିବା ବେଳେ ରାଜ୍ୟ ସରକାରଙ୍କ ଶ୍ରମ ଏବଂ ଇଆସଆଇ ବିଭାଗ ପକ୍ଷରୁ ଏଥିପାଇଁ ଅନୁମତି ମିଳିପାରିନାହିଁ । ତେଣୁ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବା ପାଇଁ ପତ୍ରରେ ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି।

## ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି । ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି । ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି । ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ । ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି । ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି । ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ । ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଂଟରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ । ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ । ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି । ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି । ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ । ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି । ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡଗୁଡିକ ପ୍ରିମିୟମ ବ୍ରାଣ୍ଡଗୁଡିକୁ ପଛରେ ପକାଇଦେବା ଆଶା କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି । ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି । ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ । ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି । ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ । ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି । ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି । ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା । ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି । ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ । ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ । ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ । କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି । ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି । ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି । ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ । ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ । ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି । ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ । ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି । ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ । ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି ।

# ଗୁଣାତ୍ମକ ଶିକ୍ଷା ପ୍ରଣାଳୀର ପୁନରୁଦ୍ଧାର ପ୍ରୟୋଜନ : ସୂର୍ଯ୍ୟ ପାତ୍ର

ଭୁବନେଶ୍ୱର(ପିଏନ)- ଭାରତ ବର୍ଷର ପ୍ରାଚୀନ ଗୁରୁକୁଳ ଶିକ୍ଷା ପରମ୍ପରା ଖୁବ ମହାନ ଓ ମହିମାମୟ ଥିଲା ବୋଲି ଓଡିଶା ବିଧାନ ସଭା ର ବାଚସ୍ପତି ଡ଼. ସୂର୍ଯ୍ୟନାରାୟଣ ପାତ୍ର ମତ ପ୍ରକାଶ କରିଛନ୍ତି । ଏହି ଗୁଣାତ୍ମକ ଏବଂ ଗୌରବାନ୍ୱିତ ଶିକ୍ଷା ପଦ୍ଧତି ର ପୁନରୁଦ୍ଧାର ସାମ୍ପ୍ରତିକ ଯୁଗରେ ଖୁବ ପ୍ରାସଙ୍ଗିକ ଓ ବାସ୍ତବିକ ବୋଧ ହେଉଥିବା ଡ଼.ପାତ୍ର ସୂଚାଇଛନ୍ତି । ଭୁବନେଶ୍ୱରର ନୂଆପଲ୍ଲୀ ଠାରେ ଏସାର ସିଷ୍ଟମ୍ସ ଏବଂ ଗୁରୁକୁଳ ଅନଲାଇନ ଶିକ୍ଷା ବ୍ୟବସ୍ଥାର ଭାରତ କାର୍ଯ୍ୟାଳୟ ଓ ଆନ୍ତର୍ଜାତିକ ମୁଖ୍ୟାଳୟ ର ଭରଚୁଆଲ ଶୁଭ ଉଦଘାଟନ କରି ଡ଼.ପାତ୍ର ବର୍ତ୍ତମାନ ପ୍ରଚଳିତ ଶିକ୍ଷା ପ୍ରଣାଳୀର ନୈତିକ ,ବୈଷୟିକ ,ପ୍ରଯୁକ୍ତିଗତ ଓ ବ୍ୟବହାରିକ ମାନ ବୃଦ୍ଧି କରିବାରେ ଏସାର -ଗୁରୁକୁଳ ନିଶ୍ଚିତ ଭାବେ ସକ୍ଷମ ହେବ ବୋଲି ଆଶା ପ୍ରକାଶ କରିଥିଲେ ।

ଉଦଘାଟନୀ ଉତ୍ସବରେ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ରାଜ୍ୟ ସରକାରଙ୍କର ଇଲେକ୍‌ଟ୍ରୋନିକ୍ସ , ପ୍ରଯୁକ୍ତି ବିଦ୍ୟା , କ୍ରୀଡା ,ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଫିତା କାଟି ଗୃହ ପ୍ରବେଶ କାର୍ଯ୍ୟ ସମ୍ପନ୍ନ କରିଥିଲେ । ଏହି ଅବସରରେ ଆୟୋଜିତ ଏକ ଆନ୍ତର୍ଜାତୀକ ୱେବିନାରକୁ ସମ୍ବୋଧନ କରି ଶ୍ରୀ ବେହେରା ସାରା ବିଶ୍ୱରେ ଓଡ଼ିଆ ଭାଷା ର ପ୍ରଚାର , ପ୍ରସାର ଏବଂ ଏହାକୁ ଲୋକପ୍ରିୟ କରିବା ପାଇଁ ଏସାର - ଗୁରୁକୁଳ ଯେପରି ମାଗଣା ଅନ ଲାଇନ ଶିକ୍ଷା ପ୍ରଦାନର ପ୍ରକ୍ରିୟା ପ୍ରାରମ୍ଭ କରିବାକୁ ଯାଉଛି , ତାର ଭ ?ୟସୀ ପ୍ରସଂଶା କରିଥିଲେ । ଆଜି ଇ -ଶିକ୍ଷା ଏବଂ ୫ ଜି ଟେକ୍ନୋଲୋଜିକୁ ଆପଣେଇବା ସମୟୋଚିତ ହେବ ବୋଲି ମନ୍ତ୍ରୀ କହିଥିଲେ ।ସମାରୋହରେ ବିଶିଷ୍ଟ ଅତିଥି ଭାବରେ ସାମିଲ ହୋଇ ପୂର୍ବତନ ମନ୍ତ୍ରୀ ଅମର ଶତପଥୀ , ଆମର ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ମାତ୍ରାରେ ପ୍ରଯୁକ୍ତି ବିଦ୍ୟାର କ୍ରୀତଦାସ ନ ସାଜି ସ୍ୱୟଂସମୃଦ୍ଧ ଓ ସୃଜନଶୀଳଯୁକ୍ତ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ । ଅସ୍କାର ବିଧାୟିକା ମଞ୍ଜୁଳା ସ୍ୱାଇଁ ,ଏସାର - ଗୁରୁକୁଳ ଦ୍ୱାରା ସାରା ପୃଥିବୀରେ ଓଡ଼ିଆ ଶିକ୍ଷାକୁ ପରିବ୍ୟାପ୍ତ କରିବାର ପ୍ରୟାସକୁ ସ୍ୱାଗତ ଜଣାଇଥିଲେ ।

ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନର ମୁଖ୍ୟ ଗୁରୁମା ଡ଼. ଅରୁନ୍ଧତି ଦେବୀ , ବିଦେଶରେ ଲୁପ୍ତ ପ୍ରାୟ ହେବାକୁ ଯାଉଥିବା ଓଡ଼ିଆ ଭାଷା କୁ ପୁନରୁଦ୍ଧାର କରିବା ଏବଂ ବର୍ତ୍ତମାନ ତଥା ଭବିଷ୍ୟତ ପିଢୀକୁ ଏହାର ଉପାଦେୟତା ପ୍ରତି ସଚେତନ କରାଇବା ଓ ଏଥିପ୍ରତି ଆକୃଷ୍ଟ କରିବା ଦିଗରେ ଏସାର - ଗୁରୁକୁଳ ନିଶ୍ଚିତ ଭାବରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଭରସା ପ୍ରକଟ କରିଥିଲେ । ମାନବିକତା ଧର୍ମୀ ଶିକ୍ଷା ପାଇଁ ଉଦ୍ଦିଷ୍ଟ ଗୁରୁକୁଳ, ବିଦ୍ୟାର୍ଥୀର ଜୀବନ ଓ ମାନସିକତା ନିର୍ମାଣ କରିବ ବୋଲି ଡ଼.ଦେବୀ ଉଲ୍ଲେଖ କରିଥିଲେ । ପ୍ରବାସରେ ଓଡ଼ିଆ ପାଠ୍ୟକ୍ରମ ଶିକ୍ଷାଲାଭ କରୁଥିବା ଛାତ୍ର ଛାତ୍ରୀମାନଙ୍କୁ ଅନଲାଇନ ପରୀକ୍ଷା ଦେବାର ସୁଯୋଗ ପ୍ରଦାନ କରିବାକୁ ଚେନ୍ନାଇ ସ୍ଥିତ ପ୍ରବାସୀ ଓଡ଼ିଆ ସାଂସ୍କୃତିକ ସମାଜର ସଭାପତି ଶାନ୍ତନୁ କୁମାର ଜେନା, ରାଜ୍ୟ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଅନଲାଇନ ଯୋଗେ ନୂଆକରି ଯୁଗୋପଯୋଗୀ ଗୁରୁଶିଷ୍ୟ ପରମ୍ପରାର ପୁନରୁଦ୍ଧାର, ସମୟର ଆହ୍ୱାନ ବୋଲି ନୂଆଦିଲ୍ଲୀ ସ୍ଥିତ ଡ଼. ଆମ୍ବେଦକର ଫାଉଣ୍ଡେସନ ର ନିର୍ଦ୍ଦେଶକ ଡ଼. ଦେବେନ୍ଦ୍ର ମାଝୀ ଦର୍ଶାଇଥିଲେ ।

ସ୍ୱାଗତ ଭାଷଣ ପ୍ରଦାନ କରି ଉତ୍ସବର ସହ ଆୟୋଜକ ବରିଷ୍ଠ ସାମ୍ବାଦିକ ତଥା ବନ୍ଦେ ଉତ୍କଳ ଫାଉଣ୍ଡେସନ ର ପ୍ରତିଷ୍ଠାତା ଅଧକ୍ଷ କିଶୋର ଦ୍ୱିବେଦୀ , ଏସାର - ଗୁରୁକୁଳ ପାରମ୍ପରିକ ଶିକ୍ଷା ପ୍ରଦାନ ଓ ଗ୍ରହଣ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଯାଉଥିବା ସୁଚାଇଥିଲେ । ବିଦ୍ୟାର୍ଥୀ ଶିକ୍ଷାଦାନ ନିକଟକୁ ନ ଆସି ଶିକ୍ଷାକୁ ବିଦ୍ୟାର୍ଥୀର ଦୁଆର ମୁହଁରେ ସପ୍ତାହକୁ ସାତଦିନ ଓ ୨୪ ଘଣ୍ଟା ଧରି, ତାଙ୍କର ସୁବିଧା ଅନୁସାରେ ପହଞ୍ଚାଇବା, ଏହି ନୂଆ ଶିକ୍ଷାକ୍ରମର ଅସଲ ଉଦେଶ୍ୟ ବୋଲି ଶ୍ରୀ ଦ୍ୱିବେଦୀ ଦର୍ଶାଇଥିଲେ ।

ଉଭୟ ପ୍ରକୃତ ଓ ଓ୍ ?ବ ଯୋଗେ ଆୟୋଜିତ ଏହି ଉଦଘାଟନୀ ସମାରୋହର ମୁଖ୍ୟ ଆୟୋଜକ ଏବଂ ଏସାର- ଗୁରୁକୁଳ ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଇଂ ମୀନକେତନ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରି ଏସାର- ଗୁରୁକୁଳ ସଂସ୍ଥା ଗଠନ ପଛରେ ଥିବା ଦାର୍ଶନିକ ଓ ଆଧ୍ୟାତ୍ମିକଗତ ମହତ ଭାବନା ଉପରେ ଆଲୋକପାତ କରିଥିଲେ । ଦେଶର ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ନବୀକରଣ ଓ ଏହାର ମାନବର୍ଦ୍ଧନ ପାଇଁ ଏସାର - ଗୁରୁକୁଳ ବଦ୍ଧପରିକର ବୋଲି ଇଃ ଶ୍ରୀ ବିଶ୍ୱାଳ ଉଲ୍ଲେଖ କରିଥିଲେ ।

ସମଗ୍ର ଡିଜିଟାଲ କାର୍ଯ୍ୟକ୍ରମକୁ ଏସାର- ଗୁରୁକୁଳ ପରିକଳ୍ପନାର ସର୍ଜନାକାରୀ ଏବଂ ସି .ଏମ .ଡି ଇଃ ଶ୍ରୀ ବିଶ୍ୱାଳଙ୍କର ସୁପୁତ୍ର ଶିବ ରଞ୍ଜନ ବିଶ୍ୱାଳ ମାଞ୍ଚେଷ୍ଟର ରୁ ସଂଯୋଜନା କରିଥିଲେ । ଆୟୋଜନର ସୁପରିଚାଳନା କରିବାରେ ଶିବ କୁମାର ବିଶ୍ୱାଳ , ପ୍ରକାଶ ନାୟକ, ଦିଲ୍ଲୀପ କୁମାର ସାହୁ ଏବଂ ବିକାଶ ଚନ୍ଦ୍ର ନାୟକ ପ୍ରମୁଖ ମୁଖ୍ୟଭୂମିକା ଗ୍ରହଣ କରିଥିଲେ ଛ ଶେଷରେ ଜଗବନ୍ଧୁ ମୃଦୁଲି ଓ ତାଙ୍କର ସାଥି କଳାକାର ମାନେ ମନୋରଂଜକ ଭଜନ ପରିବେଷଣ କରିଥିଲେ ।




# ଏତେ ପରିମାଣରେ ହେରୋଇନ ଗୁଜରାଟ ଦେଇ ଭାରତକୁ ପ୍ରବେଶର ଉଦ୍ଦେଶ୍ୟ କ'ଣ ?

ଭୁବନେଶ୍ୱର (ପିଏନ୍)- ୧ଲକ୍ଷ ୯୭ ହଜାର କୋଟିର ହେରୋଇନ ଭାରତ ଭିତରକୁ କିପରି ଆସିଲା ଏବଂ କାହା ମାଧ୍ୟମରେ ଆସିଲା, ଏବଂ କାହିଁକି କେନ୍ଦ୍ରର ମୋଦି ସରକାର ଚୁପ। ସେପ୍ଟେମ୍ବର ମାସ ୧୫ ତାରିଖ ୨୦୨୧ ତାରିଖ ଗୁଜୁରାଟର ମୁନ୍ଦ୍ରା ବନ୍ଦରରେଠାରେ ତିନି ହଜାର କିଲୋଗ୍ରାମର ହେରୋଇନ ଜବତ କରାଗଲା। ଏହାର ବଜାର ମୂଲ୍ୟ ପାଖାପାଖି ୨୧ ହଜାର କୋଟି ଟଙ୍କା ହେବ। ଠିକ୍ ସେହିଭଳି ଭାବରେ ଜୁନ ମାସ ୨୦୨୧ ମସିହାରେ ୨୫ ହଜାର କିଲୋଗ୍ରାମର ହେରାଇନ ଟେଲକମ ପାଉଡର ଖଣ୍ଡ (ଦେହମାଖା ପାଉଡର) ଆକାରରେ ଭାରତ ଭିତରକୁ ଆସିଥିବାର ସଂଦେହ କରାଯାଉଛି। ଯାହାର ବଜାର ମୂଲ୍ୟ ୧ଲକ୍ଷ ୭୫ ହଜାର କୋଟି ଟଙ୍କା ହେବବୋଲି ଆକଳନ କରାଯାଉଛି। ଏ ପର୍ଯ୍ୟନ୍ତ ଏତେ ବଡ଼ ପରିମାଣରେ ହେରୋଇନ ପୃଥିବୀର କୌଣସି ବନ୍ଦରରେ କେବେହେଲେ ଜବତ କରାଯାଇନାହିଁ। ଏତେ ପରିମାଣରେ ହେରାଇନ କେଉଁ ଦେଶରୁ ଆସିଲା ଏବଂ ଏହାର ରପ୍ତାନୀକାରୀ କିଏ ସେ ସଂସ୍ଥାର ନାମ କଣ, ଏହା କେଉଁ ପୋର୍ଟରୁ ଭାରତ ଅଭିମୁଖେ ରପ୍ତାନୀ କରାଯାଇଥିଲା ଏବଂ ଭାରତରେ କେଉଁ ସଂସ୍ଥା ଏହାକୁ ଆମଦାନୀ କରୁଥିଲା ଏହା ଏତେ ପରିମାଣର ହେରୋଇନ ଆମଦାନୀ କରିବାର ଉଦ୍ଦେଶ୍ୟ କ'ଣ? ଏହି ସମସ୍ତ ହେରୋଇନ ଗୁଜୁରାଟର ଯେଉଁ ମୁନ୍ଦ୍ରା ପୋର୍ଟ ଦେଇ ଭାରତକୁ ପ୍ରବେଶ କରିଛି ଶିଳ୍ପପତି ଆଦାନୀ ଗ୍ରୁପ କମ୍ପାନୀ ଏହାକୁ ପରିଚାଳନା କରୁଛନ୍ତି। ଏତେ ପରିମାଣର ହେରୋଇନ ଭାରତ ଭିତରକୁ ପ୍ରବେଶ କରିବା ଏକ ବଡ଼ ଚିନ୍ତା ଏବଂ ଉଦ୍‌ବେଗର କାରଣ ବୋଲି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ପଟ୍ଟନାୟକ ଏକ ପ୍ରେସ ବିବୃତିରେ କହିଛନ୍ତି। ଶ୍ରୀ ପଟ୍ଟନାୟକ ଆହୁରି ମଧ୍ୟ କହିଛନ୍ତି ଯେ ଏହି ହେରୋଇନ ଭାରତବର୍ଷର ଯୁବବର୍ଗଙ୍କର ଭବିଷ୍ୟତକୁ ଅନ୍ଧାକାର ମଧ୍ୟକୁ ଠେଲି ଦେବାପାଇଁ ଅଣାଯାଇଛି କି ବୋଲି ପ୍ରଶ୍ନ କରିଛନ୍ତି। କିଭଳି ଭାବରେ ବନ୍ଦରର ଥିବା କର୍ମଚାରୀମାନେ ଏବଂ ଇଂଟେଲିଜେନ୍ସ ବିଭାଗ ତଥା ତଦାରଖକାରୀ ବିଭାଗ ଏ ସମସ୍ତ ଘଟଣାକୁ ଜାଣିପାରୁନାହାଁନ୍ତି ? ନା ଜାଣିଶୁଣି ଏଭଳି ଅନୈତିକ କାର୍ଯ୍ୟ ମାଧ୍ୟମରେ କୋଟି କୋଟି ଟଙ୍କା ରୋଜଗାର କରିବା ଅନ୍ୟତମ ଏକ ଦିଗ କି? ଏଭଳି ସ୍ଥିତିରେ ଭାରତବର୍ଷର ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀଙ୍କ ନିଜ ରାଜ୍ୟରେ ଏତେ ପରିମାଣରେ ହେରୋଇନ ଜବତ ହେଉଥିବା ବେଳେ ଏ ବାବଦରେ କୌଣସି ତଥ୍ୟ ନରଖିବା ଏହା ଦେଶବାସୀଙ୍କୁ ଅଧିକ ବିସ୍ମିତ ଓ ଚିନ୍ତାଜନକ ସ୍ଥିତି ସୃଷ୍ଟିକରୁଛି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି।

# କମ୍ ଦିନରେ ଭାଙ୍ଗିଗଲା ନିମ୍ନମାନର ପାଚେରୀ



ଆନନ୍ଦପୁର (ପିଏନ୍): ହାଟଡିହି ବ୍ଲକ ଅଧିନ ହଦଗଡ ସ୍ୱାସ୍ଥ୍ୟକେନ୍ଦ୍ରର ସୁରକ୍ଷା ପାଚେରୀ ଭାଙ୍ଗି ପଡିଥିବା ଦେଖିବାକୁ ମିଳିଛି । କନିଷ୍ଠ ଯନ୍ତ୍ରୀଙ୍କ କହିବା ଅନୁଯାୟୀ ୩୦ଲକ୍ଷ ଟଙ୍କାର ଅନୁଦାନ କ୍ରମେ ମୁଖ୍ୟ ତୋରଣ,ଛୋଟ ଗାର୍ଡେନ ପାଇଁ ଲୁହାର ସୁରକ୍ଷା ବାଡ, ଏକ ନୂତନ ଗୃହ, ଇଟା ଦ୍ୱାରା ଫ୍ଲୋରିଂ କାର୍ଯ୍ୟ ସହ ପୂର୍ବରୁ ଥିବା ଅଳ୍ପ ଉଚ୍ଚତା ବିଶିଷ୍ଟ ପାଚେରୀର ଉଚ୍ଚତା ବଢାଇବା କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲା । ୧ମାସ ତଳେ ନିର୍ମାଣ ହୋଇଥିବା ଉକ୍ତ ପାଚେରୀର କିଛି ଅଂଶ ଭାଙ୍ଗି ଧରାଶାୟୀ ହୋଇ ଯାଇଛି । ପ୍ରକାଶ ଥାଉକି ଉକ୍ତ ପାଚେରୀ କାମ ସମୟରେ ପାଚେରୀକୁ ଲାଗି ଅତ୍ୟଧିକ ମାଟି ପକାଯାଇଥିଲା । ଯାହାକି ଅତ୍ୟଧିକ ମାଟି ଯୋଗୁଁ ବର୍ଷା ପାଣିର ଚାପରେ ଭାରସାମ୍ୟ ହରାଇ ପାଚେରୀଟି ଗଡି ପଡିଲା । ଏଥିରୁ ଅନୁମାନ ହେଉଛି ଯେ ଉକ୍ତ କାର୍ଯ୍ୟଗୁଡିକ ଅତି ନିମ୍ନମାନର ବୋଲି । ଯାହାକି କାର୍ଯ୍ୟ କରାଉଥିବା ଠିକାଦାର ଏବଂ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରୁ ଏଭଳି ଘଟୁଥିବା ନେଇ ଅନୁମାନ ହେଉଛି । ଏଭଳି ନିମ୍ନମାନର କାର୍ଯ୍ୟ ପ୍ରତି କେନ୍ଦୁଝର ଜିଲ୍ଲାପାଳ ଓ ଆନନ୍ଦପୁର ଉପଜିଲ୍ଲାପାଳ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# ବିଶ୍ୱ ପର୍ଯ୍ୟଟନ ଦିବସରେ ଉଠିଲା ଦାବି: ପିକ୍‌କ ଭ୍ୟାଲିକୁ ଇକୋ ଟୁରିଜିମ୍‌ର ମାନ୍ୟତା ମିଳୁ

ଭୁବନେଶ୍ୱର (ପିଏନ୍): ପ୍ରତିବର୍ଷ ସେପ୍ଟେମ୍ବର ମାସ ୨୭ ତାରିଖଟିକୁ ସାରା ବିଶ୍ୱରେ ବିଶ୍ୱ ପର୍ଯ୍ୟଟନ ଦିବସ ରୂପେ ପାଳନ କରାଯାଇଥାଏ। ସାମାଜିକ, ସାଂସ୍କୃତିକ, ରାଜନୈତିକ ତଥା ଆର୍ଥିକ କ୍ଷେତ୍ରରେ ବିକାଶ ତଥା ପାରସ୍ପରିକ ସମ୍ପର୍କ ବୃଦ୍ଧି କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ଆମ ଓଡ଼ିଶାରେ ଏମିତି ଅନେକ ସୁନ୍ଦର ପର୍ଯ୍ୟଟନସ୍ଥଳୀ ରହିଛି ଯାହା ଏପର୍ଯ୍ୟନ୍ତ ସରକାରୀସ୍ତରରେ ପର୍ଯ୍ୟଟନୀସ୍ଥଳୀର ମାନ୍ୟତା ପାଇନାହିଁ। ସେଥିମଧ୍ୟରୁ ରାଜଧାନୀ ଭୁବନେଶ୍ୱର ନିକଟରେ ଥିବା ପିକ୍‌କ ଭ୍ୟାଲି ଯାହା ସାମ୍ନାକୁ ଆସିଛି। ସ୍ମାର୍ଟନଗରୀ ଭୁବନେଶ୍ୱର ଠାରୁ



ମାତ୍ର ୩୦ କିଲୋମିଟର ଏବଂ କଟକଠାରୁ ୧୫ କିଲୋମିଟର ମଧ୍ୟରେ ରହିଛି ଏହି ପିକ୍‌କ ଭ୍ୟାଲି। ସକାଳ ଓ ସନ୍ଧ୍ୟା ହେଲେ ଏଠି ଶହ ଶହ ସଂଖ୍ୟାରେ ମୟୂର ଏକତ୍ରିତ ହେବାର ଦୃଶ୍ୟ ଦେଖିବାକୁ ମିଳିଥାଏ। ଯାହା ବର୍ତ୍ତମାନ ପିକ୍‌କ ଭ୍ୟାଲି ରୂପେ ବେଶ୍ ଖ୍ୟାତି ଅର୍ଜନ କରିପାରିଛି। ପର୍ଯ୍ୟଟନ ଦୃଷ୍ଟିରୁ ଏହା ଏକ ଖାସ୍ ଆକର୍ଷଣୀୟ ବହନ କରିଥାଏ। ସୌନ୍ଦର୍ଯ୍ୟ ଦୃଷ୍ଟିରୁ ଉକ୍ତ ସ୍ଥାନଟି ଏକ ନିଆରା ହୋଇଥିବା ବେଳେ ଏହାକୁ ଇକୋ ଟୁରିଜିମ୍‌ର ମାନ୍ୟତା ଦେବାକୁ ବିଶ୍ୱ ପର୍ଯ୍ୟଟନ ଦିବସରେ ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଉକ୍ତ ଅଞ୍ଚଳରେ ପାଖାପାଖି ଏକ ହଜାରରୁ ଉର୍ଦ୍ଧ୍ୱ ମୟୂର ବାସ କରୁଥିବାର ଆକଳନ କରାଯାଏ ଯାହାକି ଉକ୍ତ ଅଞ୍ଚଳଟି ବେଶ୍ ଶୋଭାବର୍ଦ୍ଧନ କରିଥାଏ। କଟକ ଜିଲ୍ଲା ଅନ୍ତର୍ଗତ ନରାଜ ରୋଡ଼ ଯିବା ରାସ୍ତାରେ ପଡ଼େ ତଳଗର। ଏଇଠି ରହିଛି ପିକ୍‌କ ଭ୍ୟାଲି। ଏବେ ପର୍ଯ୍ୟଟକଙ୍କ ବେଶ୍ ଆକର୍ଷଣୀୟ କେନ୍ଦ୍ରବିନ୍ଦୁ ପାଲଟିଛି। ପିକ୍‌କ ଭ୍ୟାଲିକୁ ନେଇ ସୋସିଆଲ ମିଡ଼ିଆରେ ଘୂରି ବୁଲୁଛି ପୁଳା ପୁଳା ୟୁଟୁବ୍ ଭିଡ଼ିଓର ଚିତ୍ର। ଏହାକୁ ଦେଖି ପର୍ଯ୍ୟଟକମାନେ ବେଶ୍ ଆକର୍ଷିତ ହେଉଥିବାର ଜଣାପଡ଼ିଛି। ସମ୍ପ୍ରତି ଓଡ଼ିଶାରେ ବିଭିନ୍ନ ଅଞ୍ଚଳରେ ବିକଶିତ ହୋଇଚାଲିଛି ଇକୋଟୁରିଜମ୍ ପ୍ରକଳ୍ପ। କିନ୍ତୁ ଉକ୍ତ ଅଞ୍ଚଳଟି ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହି ଯାଇଥିବାର ମନେହୁଏ। ଇକୋ ଟୁରିଜିମ୍‌ରେ ନୂଆ ସମ୍ଭାବନା ଓ ନୂଆ ଚମକ ସହ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଆକର୍ଷଣୀୟ କରାଯାଉଛି। ପରିବେଶ ସୁରକ୍ଷା ଓ ପରିବେଶ ପ୍ରତି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଏହାର ମୂଳଲକ୍ଷ୍ୟ। ପୃଥିବୀର ବିଭିନ୍ନ ଦେଶରୁ ନିୟମିତ ବ୍ୟବଧାନରେ ପର୍ଯ୍ୟଟକମାନେ ଓଡ଼ିଶାର ବିଭିନ୍ନ ପରିବେଶ ପର୍ଯ୍ୟଟନସ୍ଥଳୀରେ ଭିଡ଼ ଲାଗି ରହୁଛି। ଏଣୁ ଏହି ପିକ୍‌କ ଭ୍ୟାଲିକୁ ସରକାରୀସ୍ତରରେ ଇକୋ ଟୁରିଜିମ୍‌ର ମାନ୍ୟତା ଦିଆଗଲେ ଆମର ଜାତୀୟ ସ୍ୱୀକୃତି ପାଇଥିବା ମୟୂର ପକ୍ଷୀର ସୁରକ୍ଷା ସହ ଏହାର ବଂଶ ବୃଦ୍ଧିରେ ବେଶ୍ ସହାୟକ ହୋଇପାରିବ। ଏତଦ୍‌ସହ ରାଜ୍ୟର ରାଜସ୍ୱ ବୃଦ୍ଧି ସହ ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ବେଶ୍ ସହାୟକ ହୋଇପାରିବା ସଙ୍ଗେ ସଙ୍ଗେ ପ୍ରତ୍ୟକ୍ଷ ବା ପରୋକ୍ଷରେ ଏହା ଅନେକଙ୍କ ପାଇଁ ଜୀବନ ଜୀବିକାର ମାଧ୍ୟମ ପାଲଟିଯିବ। ଏଣୁ ଏ ନେଇେ ଶ୍ରୀ ସାହୁ ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଜଙ୍ଗଲ ବିଭାଗୀୟ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏବଂ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କୁ ପତ୍ର ମାଧ୍ୟମରେ ପିକ୍‌କ ଭ୍ୟାଲିକୁ ଇକୋ-ଟୁରିଜିମ୍‌ର ମାନ୍ୟତା ଦେବା ପାଇଁ ଦାବି କରିଛନ୍ତି।

# ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ, କେନ୍ଦୁଝର ଶାଖାର ନୂତନ କର୍ମକର୍ତ୍ତା ଚୟନ



କେନ୍ଦୁଝର (ପିଏନ୍):ଶନିବାର ରାଙ୍କୀ ଆଶ୍ରମ ବିଦ୍ୟାଳୟରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ, କେନ୍ଦୁଝରର ଶିକ୍ଷକ/ ଶିକ୍ଷୟତ୍ରୀ ମାନଙ୍କ ଉପସ୍ଥିତିରେ ନରଣପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଶ୍ରୀମତୀ କବିତା ରାଣୀ ଦାସଙ୍କ ଅଧ୍ୟକ୍ଷତାରେ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ , କେନ୍ଦୁଝର ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସଂଘ ସାଂଗଠନିକ ସମ୍ପାଦକ ରଂଜନ କୁମାର ବେହେରା, ଶିକ୍ଷକ ନେତା ଦୈତାରୀ ଦିଗାଲ ଏବଂ କେନ୍ଦୁଝରର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଜିତ କୁମାର ସାହୁଙ୍କ ମାର୍ଗଦର୍ଶନରେ ଜିଲ୍ଲା ସଂଘର କର୍ମକର୍ତ୍ତାଙ୍କୁ ମନୋନୟନ କରାଯାଇଥିଲା । ଭଗାମୁଣ୍ଡା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ସରୋଜ କୁମାର ନନ୍ଦ ସଂଘର ପୂର୍ବ ବିବରଣୀ ଏବଂ ଆଭିମୁଖ୍ୟ ପାଠ କରିଥିଲେ । ଶୁଆକାଟୀ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିକାଶ ଚନ୍ଦ୍ର ଶତପଥି ପୂର୍ବ ସଂଘ ଭଙ୍ଗା ଯାଇ ଆଶ୍ରମ ଓ ଉଚ୍ଚ ବିଦ୍ୟାଳୟର ଦୁଇ ସଂଘ ମିଳିତ ହୋଇ ଗୋଟିଏ ସଂଘ ଭାବରେ କାର୍ଯ୍ୟକାରୀ ହେବ ବୋଲି ଘୋଷଣା କରିଥିଲେ । କାଦକଳା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୋମନାଥ ଆଇଚ ସଭା ପରିଚାଳନା କରିଥିଲେ । ବୈଠକ କେନ୍ଦ୍ରରେ କୋଭିଡ୍ ନିୟମ ପାଳନ ପୂର୍ବକ ଶିକ୍ଷକ ଶିକ୍ଷୟତ୍ରୀଙ୍କ ପାଇଁ ଆନୁସଙ୍ଗିକ ବ୍ୟବସ୍ଥାରେ ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ସାହୁ ସହଯୋଗ କରିଥିଲେ । ଶିକ୍ଷକ/ଶିକ୍ଷୟତ୍ରୀଙ୍କ ପ୍ରସ୍ତାବ ଓ ସମର୍ଥନ କ୍ରମେ ତୀର୍ଥାନନ୍ଦ ସେଠୀ ସଭାପତି ଭାବେ ସରୋଜ କୁମାର ନନ୍ଦ ସାଧାରଣ ସମ୍ପାଦକ ଭାବେ,କୃଷ୍ଣାନ ଆଚାର୍ଯ୍ୟ ଓ କିରାଣୀ ମହାନ୍ତ ଯୁଗ୍ମ ସମ୍ପାଦକ ଭାବେ,ସୋମନାଥ ଆଇଚ ଏବଂ ମଣ୍ଡଳ କୁମାର ପଣ୍ଡା ସାଂଗଠନିକ ସମ୍ପାଦକ ଭାବେ, ଅମୂଲ କୁମାର ମହାନ୍ତି ଓ ଯତୀନ କୁମାର ବାରିକ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ । ନବନିର୍ବାଚିତ ପ୍ରତିନିଧିମାନେ ଶପଥ ପାଠ ପରେ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ବିଭିନ୍ନ ଦାବି ପୂରଣ ସହ ସେମାନଙ୍କ ବିଭିନ୍ନ ସମସ୍ୟା ସମାଧାନରେ ବ୍ରତୀ ହେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପରିଶେଷରେ ପ୍ରଧାନଶିକ୍ଷକ ସଚ୍ଚିଦାନନ୍ଦ ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବଡ଼ଚଣା ପୋଲିସର ଚଢ଼ାଉ,୩୦ ଗୋରୁ ଉଦ୍ଧାର

ଚଣ୍ଡିଖୋଲ (ପିଏନ୍)-ଦିନକୁ ଦିନ ବଡ଼ଚଣା ଅଂଚଳରେ ବେଆଇନ ଭାବେ ଗୋରୁଚାଲାଣ ବୃଦ୍ଧିପାଇବାରେ ଲାଗିଛି.ପ୍ରଶାସନର ସେଭଳି ଆଖିଦୃଶିଆ ପଦକ୍ଷେପ ନିଆଯାଉନଥିବାରୁ ଏହି ଗୋରୁଚାଲାଣ ବନ୍ଦ ହେବ ପରିବର୍ତ୍ତେ ବୃଦ୍ଧିପାଇବାରେ ଲାଗୁଛି। କିଛିଦିନ ତଳେ ଦର୍ପଣ ଅଂଚଳରୁ ବେଆଇନ ଭାବେ ଏକ କନଟଇନରେ ୬୦ରୁ ଉର୍ଧ ଗୋରୁକୁ ଦୟନୀୟ ଅବସ୍ଥାରେ ନେଇଯାଉଥିବା ସମୟରେ ବଡ଼ଚଣା ପୋଲିସ ସାନ୍ତେଓ୍ୱାରକୁ ଧରି ୩ ଜଣ ଗୋରୁବେପାରୀଙ୍କୁ କୋର୍ଟ ଚାଲାଣ କରିଥିଲା। ପୁନଶ୍ଚ ଗତ ଶୁକ୍ରବାର ରାତିରେ ଏକ ୧୦ ଚକିଆ ଟ୍ରକ ଯାହାର ନ (ଓଡ଼ି୦୯ ର ୭୫୧୧) ୩୦ରୁ ଉର୍ଦ୍ଧ୍ୱ ଗୋରୁଙ୍କୁ ଅତିଦୟନୀୟ ଅବସ୍ଥାରେ ଦର୍ପଣ ଅଂଚଳରୁ ନେଇଯାଉଥିବାର ବିଶେଷ ସୂତ୍ରରୁ ବଡ଼ଚଣା ଥାନା ଅଧିକାରୀ ଖବର ପାଇଥିଲେ .ଥାନା ଅଧିକାରୀ ସଂଗେ ସଂଗେ ଏକଟିମ କରି ଗାଡ଼ିଟିକୁ ଧରିବାପାଇଁ ଘଟଣା ସ୍ଥଳରେ ପହଂଚିବା ସମୟରେ ଗାଡ଼ିଟିର ଚାଳକ ଗାଡ଼ିଟିକୁ ଦ୍ରୁତଗତିରେ ନେଇପଳାଇଯାଇଥିଲା। ପୋଲିସ ଟିମ ଉକ୍ତ ଗାଡିର ପିଛାକରି ଜାରକା ଠାରେ ରାସ୍ତା ଯାମ ଥିବାରୁ ଏହାର ସୁଯୋଗନେଇ ଚାଳକ ଓ ଖାଲସି ଗାଡି ଛାଡି ପଳାଇଯାଇଥିଲେ। ବଡ଼ଚଣା ପୋଲିସ ଗାଡ଼ିଟିକୁ ଜବତ କରି ଚଣ୍ଡିଖୋଲ ଫାଣ୍ଡିକୁ ଆଣିଥିଲେ। ଏ ସଂକ୍ରାନ୍ତରେ ଏକ କେଶ ୩୫୭/ ୨୦୨୧ ରୁଜୁ କରି ଅଧିକ ତଦନ୍ତ ଜାରିରହିଛି ବୋଲି ଥାନାଅଧିକାରୀ ପ୍ରିୟବ୍ରତ ରାଉତ କହିଛନ୍ତି। ଗାଡ଼ିରେ ଥିବା ଗୋରୁଗୁଡ଼ିକୁ ନିକଟସ୍ଥ ନାନପୁର ଗୋଶାଳାରେ ଛାଡିଥିବାର ଖବର ମିଳିଛି। ଏଠାରେ ପ୍ରଶ୍ନ ଉଠେ ନାନପୁର ଗୋଶାଳାରେ କିଛିଦିନ ତଳେ ଉଦ୍ଧାର ହୋଇ ରଖାଯାଇଥିବା ଗୋରୁଗୁଡ଼ିକୁ ଗୋଶାଳା ମାଲିକ ବିକ୍ରିକରିଦେଇଥିବାର ଖବର ଗଣମାଧ୍ୟମରେ ପ୍ରକାଶିତ ହେଲା ପରେ ମଧ୍ୟ ପୁନର୍ବାର କେଉଁ ଭରସାରେ ଏହି ଗୋରୁଗୁଡିକୁ ପୋଲିସ ସେଠାରେ ଛାଡିଲା ତାହା ଆଲୋଚନାର ବିଷୟ ହୋଇଛି।

# ସାମ୍ବାଦିକ ଅରିନ୍ଦମଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ



କେନ୍ଦ୍ରାପଡ଼ା (ପିଏନ୍): ଓଟିଭିର ବରିଷ୍ଠ ସାମ୍ବାଦିକ ଅରିନ୍ଦମ ଦାଶଙ୍କ ବିୟୋଗରେ କେନ୍ଦ୍ରାପଡା କର୍ମଜୀବୀ ସାମ୍ବାଦିକ ସମୂହ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଜିଲ୍ଲା ମୁଖ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ମାତୃଦତ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରଥମେ ମହମବତୀ ଜାଳି ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଅରିନ୍ଦମ ଦାଶଙ୍କ ତ୍ୟାଗ, ବଳିଦାନ ଓଡିଆ ସାମ୍ବାଦିକତା ପାଇଁ ଏକ ଅପୁରଣୀୟ କ୍ଷତି ବୋଲି ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସ୍ମୃତି ସଭାରେ ବହୁ ସାମ୍ବାଦିକ, ସମାଜସେବୀ, ବୁଦ୍ଧିଜିବି ଓ ରାଜନେତା ଯୋଗଦେଇ ସ୍ୱର୍ଗତ ଦାଶଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ସ୍ମୃତି ସଭାରେ ମନୋଜ ସ୍ୱାଇଁ, ଚିତରଞ୍ଜନ ଦାସ, ସୋମନାଥ ସାହୁ, ପ୍ରଭାତ ପରିଡା, ମହେଶ ପାଢୀ, ଜୀବନ ସିଂ, ଜଗନ୍ନାଥ ଧଳ, ପ୍ରଶାନ୍ତ ନାୟକ, ଦିଲ୍ଲିପ ମହାନ୍ତି, ପ୍ରଫୁଲ୍ଲ ସାହୁ, ଉମାକାନ୍ତ ମହାପାତ୍ର, ବୀରେନ୍ଦ୍ର ଦାସ, ଉମେଶ ପାଢୀ, ଦୁର୍ଗା ପତି, ନାରାୟଣ ସାହାଣୀ, ସୁବାଷ ସାମଲ, ରବିନାରାୟଣ ପତି, ଚିତ୍ତରଞ୍ଜନ ସାହୁ, କୈଳାସ ସାହୁ, ହରେକୃଷ୍ଣ ବେହେରା, ସେକ ହାପିଜୁଦ୍ଦିନ, ଲକ୍ଷ୍ମୀକାନ୍ତ ନାୟକ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପ୍ରମୋଦ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାଶଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ମ୍ୟୁନିସିପାଲ ପ୍ରିମିୟର ଲିଗ ଆଓ୍ୱାର୍ଡ ପାଇଲେ କେନ୍ଦ୍ରାପଡା ପୌରନିର୍ବାହୀ ଅଧିକାରୀ



କେନ୍ଦ୍ରାପଡ଼ା (ପିଏନ୍): ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏମପିଏଲ- ୧-୦ ଓ ଏମପିଏଲ-୨-୦କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କଠିନ ପରିଶ୍ରମ କରି ସଫଳତାର ସହ ରୂପାୟନ କରିଥିବାରୁ କେନ୍ଦ୍ରାପଡା ପୌରନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳଙ୍କୁ ଗତ ଶନିବାର ଭୁବନେଶ୍ୱରସ୍ଥିତ ଲୋକସେବା ଭବନର କନଭେନସନ ସେଣ୍ଟରରେ ଅନୁଷ୍ଠିତ ଏକ ଭବ୍ୟ ଉତ୍ସବରେ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ରାଜ୍ୟର ପୌରନିଗମ ସମେତ ବିଭିନ୍ନ ପୌରସଂସ୍ଥାର ନିର୍ବାହୀ ଅଧିକାରୀମାନଙ୍କୁ ମଧ୍ୟ ଏହି ଆଓ୍ୱାର୍ଡ ପ୍ରଦାନ କରାଯାଇଛି । ପୌରସଂସ୍ଥା ଗୁଡିକ ସମ୍ପତ୍ତି କର ବୃଦ୍ଧି କରିବା ସହ ଆଦାୟ କରର ଡିଜିଟାଇଜେସନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥିବା ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ କୁହାଯାଇଛି।

# ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକା ସଂଘ ଜିଲ୍ଲା କମିଟି ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡ଼ା (ପିଏନ୍): ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକା ସଂଘ (ସି.ଆଇ.ଟି.ୟୁ) କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେ କେନ୍ଦ୍ରାପଡା ଜିଲ୍ଲା ଶିକ୍ଷା ଅଧିକାରୀ ସଞ୍ଜିବ କୁମାର ସିଂଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ସମସ୍ତ ବିଦ୍ୟାଳୟରେ ଦୀର୍ଘ ବର୍ଷ ଧରି ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ସଂପୃକ୍ତ ପାଚିକା ଓ ସହାୟିକାମାନଙ୍କୁ ସ୍କିମ୍ ଶ୍ରମିକ ଭାବେ ବିଚାର କରାନଯାଇ ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯିବା, ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ କାର୍ଯ୍ୟରୁ ଅବସର ବୟସ ୬୨ବର୍ଷ କରାଯିବା, ବର୍ଷକୁ ୨ଥର ଶାଢୀ ଓ ଆପ୍ରୋନ ପ୍ରଦାନ କରାଯିବା, ପ୍ରତ୍ୟେକ ବିଦ୍ୟାଳୟକୁ ଜାଳେଣି ପାଇଁ ଉଜ୍ଜ୍ୱଳା ଜାଳେଣି ଗ୍ୟାସ ଯୋଗାଇ ଦିଆଯିବା, ପ୍ରତ୍ୟେକ ବିଦ୍ୟାଳୟରେ ପାନୀୟ ଜଳ ଯୋଗାଣ ସହିତ ଆକ୍ୱାଗାର୍ଡ ସଂଯୋଗ କରାଯିବା, ବିଦ୍ୟାଳୟରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ପୃଷ୍ଟିସାର ଯୁକ୍ତ ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯିବା, ରାଜ୍ୟ ସରକାର ତାଙ୍କ ଅଂଶ ବାବଦରେ ୪ଶହ ଟଙ୍କା ପ୍ରଦାନ କରିଥିବା ବେଳେ କେନ୍ଦ୍ର ସରକାରଙ୍କ ଅଂଶ ବାବଦକୁ ୬ଶହ ଟଙ୍କା ବକେୟା ପ୍ରଦାନ କରାଯିବା, ଓଡିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ପାଚିକା ଓ ସହାୟିକାମାନଙ୍କ ବକେୟା ଅର୍ଥ ତୁରନ୍ତ ପ୍ରଦାନ କରାଯିବା ଓ ରୋଷେଇ ପାଇଁ ପ୍ରତ୍ୟେକ ବିଦ୍ୟାଳୟରେ ପକ୍କାଗୃହ ଓ ଖାଦ୍ୟ ଖାଇବା ପାଇଁ ଉପଯୁକ୍ତ ପକ୍କା କରିଡର ନିର୍ମାଣ କରାଯିବାକୁ ସଙ୍ଘ ପକ୍ଷରୁ ଦାବି କରାଯାଇଛି । ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକା ସଂଘ ଜିଲ୍ଲା କମିଟି ପକ୍ଷରୁ ସଭାପତି ସ୍ନେହଲତା ଗାହାଣ, ସମ୍ପାଦିକା ନିର୍ମଳା ସିଂହ, ଜଗତଜୀବନ ଦାଶ, ପ୍ରମିଳା ବିଶ୍ୱାଳ, ସଞ୍ଜୁଲତା ଦାସ, କୁମୁଦିନୀ ସେନାପତି, ଅମିତା ପାତ୍ର, ସ୍ୱର୍ଣ୍ଣପ୍ରଭା ମଣ୍ଡଳ, ରଞ୍ଜୁଲତା ଖଣ୍ଡୁଆଳ, ମାଧବ ଦାସ, ଅଜିତ ପରିଡା, ନୃସିଂହ ତରାଇ, ପରମେଶ୍ୱର ସୁତାର, ଅଶୋକ ନାଥ, ରମେଶ ମଲିକ, ବିଜୟ ସାହୁ, ନିରାକାର ସାହୁ, ବିନୟ ମଲିକ, ଅକ୍ଷୟ ତରାଇ, ମହେଶ୍ୱର ପରିଡା, ଧୀବର ବେହେରା, ଧନେଶ୍ୱର ରାଉତ ପ୍ରମୁଖ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ ।

# ଓଡିଶା ପ୍ରଦେଶ ଯୁବ କଂଗ୍ରେସର ରାଜ୍ୟସ୍ତରୀୟ ଆଦିବାସୀ ଯୁବ ସର୍ବୋଦୟ ସଂକଳ୍ପ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ରାଉରକେଲା (ପିଏନ୍): ଓଡିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସଭାପତି ଡ. ସ୍ମୃତିରଂଜନ ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେପ୍ଟେମ୍ବର ୨୩ ତାରିଖ ଠାରୁ ସୁନ୍ଦରଗଡ ଜିଲ୍ଲାର କଲୁଙ୍ଗାଠାରେ ଆୟୋଜିତ ରାଜ୍ୟସ୍ତରୀୟ ଆଦିବାସୀ ଯୁବ ସର୍ବୋଦୟ ସଂକଳ୍ପ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ସାମ୍ପ୍ରତିକ ପରିସ୍ଥିତିରେ ଆଦିବାସୀ ଯୁବକମାନଙ୍କ ଭୂମିକାକୁ ନେଇ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରକୁ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆଦିବାସୀ ଯୁବକ, ଯୁବତୀମାନେ ଯୋଗ ଦେଇ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷଣ ଦେଇଥିଲେ ଅଖିଳ ଭାରତୀୟ କଂଗ୍ରେସ କମିଟିର ପ୍ରଶିକ୍ଷଣ ପ୍ରଭାରୀ ସଚ୍ଚିନ ରାଓ, ଅଖିଳ ଭାରତୀୟ ଯୁବ କଂଗ୍ରେସର ପ୍ରଶିକ୍ଷଣ ପ୍ରଭାରୀ ସୀତାରାମ ଲାମ୍ବା ଏବଂ ଯୁବ କଂଗ୍ରେସର ପ୍ରଶିକ୍ଷଣ ଟିମ୍ ସଦସ୍ୟମାନେ । ଆଦିବାସୀମାନଙ୍କ ଭୂମିକା, ହକ୍ ଏବଂ ବିଭିନ୍ନ ସମସ୍ୟାକୁ ନେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ପ୍ରଥମ ଦିବସରେ ପ୍ରଶିକ୍ଷଣ ଦେଇଥିଲେ ସଚ୍ଚିନ ରାଓ ଯାହା ଆଦିବାସୀମାନଙ୍କ ଭୂମିକା ଓ ହକ୍ ଉପରେ ପର୍ଯ୍ୟବେକ୍ଷିତ ଥିଲା । ଦ୍ୱିତୀୟ ଦିବସରେ ଅଖିଳ ଭାରତୀୟ ଯୁବ କଂଗ୍ରେସ ପ୍ରଭାରୀ କ୍ରିଷ୍ଣା ଆଲ୍ଲାବାରୁ ପହଞ୍ଚି ଆଦିବାସୀ ଯୁବକ-ଯୁବତୀଙ୍କୁ ଶିକ୍ଷାର ପ୍ରସାର, କଂଗ୍ରେସର ଭୂମିକା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ତୃତୀୟ ଦିବସରେ ଅଖିଳ ଭାରତୀୟ ଯୁବ କଂଗ୍ରେସର ସଭାପତି ବି.ଭି. ଶ୍ରୀନିବାସ ପହଞ୍ଚି ପ୍ରଶିକ୍ଷଣ ଶିବିରରେ ଆଦିବାସୀ ଯୁବକ, ଯୁବତୀମାନଙ୍କୁ ଉତ୍ସାହିତ କରିବା ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଦିବାସୀ ତଥ୍ୟ ଉପସ୍ଥାପନ କରିଥିଲେ । ପ୍ରତ୍ୟେକ ଦିନ ପ୍ରଶିକ୍ଷଣ ଶିବିର ସହ ଶ୍ରମଦାନ, ସାଂସ୍କୃତିକ କାର୍ଯ୍ୟ ଆୟୋଜିତ ହୋଇଥିଲା । ଉଦ୍‌ଯାପନୀ ଦିବସରେ ପ୍ରଶିକ୍ଷଣ ଶିବିରକୁ ଆସିଥିବା ଆଦିବାସୀ ଯୁବକ-ଯୁବତୀମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା । ପରେ ଓଡିଶା ପ୍ରଦେଶ ଯୁବ କଂଗ୍ରେସର ରାଜ୍ୟ କାର୍ଯ୍ୟକାରିଣୀ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଯୁବ କଂଗ୍ରେସର ସମସ୍ତ ପଦାଧିକାରୀ, ଜିଲ୍ଲା ଯୁବ କଂଗ୍ରେସ ସଭାପତି, ଜିଲ୍ଲା ଯୁବ କଂଗ୍ରେସ ପଦାଧିକାରୀ, ବିଧାନସଭା ଯୁବ କଂଗ୍ରେସ ସଭାପତିମାନେ ଯୋଗଦାନ କରିଥିଲେ । ଯୁବ କଂଗ୍ରେସର ଆଗାମୀ କାର୍ଯ୍ୟପନ୍ଥା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୁବ ମାରଣ ନୀତି - ବେରୋଜଗାରୀ, ମହଙ୍ଗା ମାଡରେ ଥିବା ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ, ଅତ୍ୟାବଶ୍ୟକୀୟ ସାମଗ୍ରୀ ଦରବୃଦ୍ଧି ସମସ୍ୟାକୁ ନେଇ ରାଜ୍ୟବ୍ୟାପି କାର୍ଯ୍ୟକ୍ରମର ଖସଡା ପ୍ରସ୍ତୁତ କରାଯାଇଛି । ଏହି କାର୍ଯ୍ୟକାରିଣି ବୈଠକରେ ଅଖିଳ ଭାରତୀୟ କଂଗ୍ରେସ କମିଟିର ସମ୍ପାଦକ ବିଶ୍ୱରନ ମର୍ହା, ଅଖିଳ ଭାରତୀୟ ଯୁବ କଂଗ୍ରେସର ପ୍ରଭାରୀ କ୍ରିଷ୍ଣଆ ଆଲ୍ଲାବରୁ, ଅଖିଳ ଭାରତୀୟ ଯୁବ କଂଗ୍ରେସର ସଭାପତି ବି.ଭି. ଶ୍ରୀନିବାସ, ଓଡିଶା ଯୁବ କଂଗ୍ରେସ ପ୍ରଭାରୀ ପ୍ରତିଭା ରଘୁବଂଶୀ, ସହ-ପ୍ରଭାରୀ ରିୟାଜୁଲ ଅନସାରୀ, ରାଉରକେଲା ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀ, ବିଧାୟକ ରାଜନ ଏକ୍କା ଏବଂ ବହୁ ପ୍ରମୁଖ ନେତୃବୃନ୍ଦ ଯୋଗ ଦାନ କରିଥିଲେ ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# କୋଟିଆରେ ଆନ୍ଧ୍ର ପ୍ରଶାସନର ବାତ୍ୟା ଗୁଲାବର କ୍ଷୟକ୍ଷତି ଆକଳନ, ଓଡ଼ିଶା ସରକାର ପ୍ରତିବାଦ କର:ସମାଜବାଦୀ ପାର୍ଟି

ଭୁବନେଶ୍ୱର: ଗତ ଗୁଲାବ ବାତ୍ୟାକୁ ନେଇ ଆନ୍ଧ୍ର ଓ ଓଡ଼ିଶାରେ ପ୍ରଭାବ ଅନୁଭୂତ ହୋଇଥିଲା। କୋଟିଆକୁ ସଂଯୋଗ କରୁଥିବା ରାସ୍ତା ଉପରେ ବର୍ଷାପାଣି ଚାଲୁଥିବା ବେଳେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଥିଲା। ଏହାର ସୁଯୋଗ ନେଇ ଆନ୍ଧ୍ର ସରକାର କୋଟିଆ ଗ୍ରାମପୁଞ୍ଜର ବିଭିନ୍ନ ଗ୍ରାମରେ ତେଲୁଗୁ ଭାଷାରେ ବୋର୍ଡ଼ ସବୁ ଲଗାଇ ଦେଇଥିଲେ। ଓଡ଼ିଶା ସରକାର ଓ କୋରାପୁଟ ଜିଲ୍ଲା ପ୍ରଶାସନ ବାତ୍ୟା ଗୁଲାବ କବଳରୁ ଲୋକଙ୍କୁ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ବ୍ୟସ୍ତ ଥିଲାବେଳେ ଆନ୍ଧ୍ର ଏହାର ସୁଯୋଗ ନେଇ ଓଡ଼ିଶା ସୀମା ଭିତରେ ଚୋରାରେ ଅନୁପ୍ରବେଶ କରି ତେଲୁଗୁ ବୋର୍ଡ଼ ଲଗାଇଥିଲା। ଏହା ଓଡ଼ିଆ ଭାଷା ଓ ସଂସ୍କୃତି ଉପରେ ଚରମ ଆକ୍ରମଣ ବୋଲି ସମାଜବାଦୀ ପାର୍ଟି ପକ୍ଷରୁ ପ୍ରକାଶ କରାଯାଇ ଏହାର ପ୍ରତିବାଦ କରାଯାଇଛି। ଆଜି ଆନ୍ଧ୍ର ପୋଲିସ୍ ବାତ୍ୟା ଗୁଲାବରେ କୋଟିଆ ଗ୍ରାମପୁଞ୍ଜରେ କ'ଣ ସବୁ କ୍ଷୟକ୍ଷତି ହୋଇଛି ତାହାକୁ ଆକଳନ କରିବା ପାଇଁ ନେରେଡ଼ିଭାଲ୍‌ସା ପ୍ରଭୃତି ଅଂଚଳ ବୁଲି ବାତ୍ୟାର କ୍ଷୟକ୍ଷତିର ଆକଳନ କରିଛନ୍ତି। ଏହାର ତୁରନ୍ତ ପ୍ରତିବାଦ କରାଯିବ ଉଚିତ୍ ବୋଲି ସମାଜବାଦୀ ପାର୍ଟି ପକ୍ଷରୁ କୁହାଯାଇଛି। ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଏକ ପ୍ରେସ୍ ବିଜ୍ଞପ୍ତିରେ ଦାବି କରିଛନ୍ତି ଯେ, ଆନ୍ଧ୍ର ସରକାର ଗୋଟିକ ପରେ ଗୋଟିଏ ଲୋକାଭିମୁଖୀ ପଦକ୍ଷେପ ନେଇ ମା' ଠାରୁ ପୁଅକୁ ଡ଼ାଆଣୀ ଅଧିକ ଭଲ ପାଇବା ନ୍ୟାୟ'ରେ ଲୋକଙ୍କୁ ନିଜର କରିବାକୁ ପଦକ୍ଷେପ ନେଇ ଚାଲିଛନ୍ତି। ଓଡ଼ିଶା ସରକାର ଏହାର ଦୃଢ ପ୍ରତିବାଦ ନକଲେ ଆସନ୍ତା କାଲିର ଯେଉଁ ବଡ଼ ଆଇନ୍‌ଗତ ଲଢେଇ ହେବାକୁ ଯାଉଛି ସେଥିରେ ଆନ୍ଧ୍ର ଏହିସବୁ କାର୍ଯ୍ୟକ୍ରମ ଜରିଆରେ କୋଟିଆ ଗ୍ରାମପୁଞ୍ଜରେ ନିଜର ଅଧିକାରକୁ ସାବ୍ୟସ୍ତ କରିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ। ବେଳ ଥାଉଁ ବନ୍ଧ ବନ୍ଧରେ କୁମର ନ୍ୟାୟରେ ତୁରନ୍ତ ଓଡ଼ିଶା ସରକାର ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ପାଖରେ ଏହାର ପ୍ରତିବାଦ କରନ୍ତୁ ଏବଂ ଏ ସମ୍ପର୍କରେ ଭାରତ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଶ୍ରୀ ବେହେରା ଦାବି କରିଛନ୍ତି।

## ଅଶ୍ୱିନୀ ମଙ୍ଗରାଜଙ୍କ ବିୟୋଗରେ ଶୋକ ସଭା

ଭୁବନେଶ୍ୱର: ବୀର ସୁରେନ୍ଦ୍ର ସାଏ ନଗର ଦୁର୍ଗାପୂଜା ସମିତି ଓ ବରିଷ୍ଠ ନାଗରିକ କମିଟିର ପୂର୍ବତନ କୋଷାଧକ୍ଷ, ଉନ୍ନୟନ ପରିଷଦର ପୂର୍ବତନ ଯୁଗ୍ମ-ସମ୍ପାଦକ ତଥା ନଗରର ଜଣେ ଭଲ ବାସିନ୍ଦା ଅଶ୍ୱିନୀ କୁମାର ମଙ୍ଗରାଜଙ୍କ ବିୟୋଗରେ ତିନୋଟି କମିଟି ପକ୍ଷରୁ ଏକ ଶୋକ ସଭା ସ୍ଥାନୀୟ ଦୁର୍ଗାପୂଜା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଦୁର୍ଗାପୂଜା କମିଟିର ସଭାପତି ଆର୍ତତ୍ରାଣ ଦଳାଇ ସଭାପତିତ୍ୱ କରିଥିବା ବେଳେ ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା ସଂଯୋଜନା କରିଥିଲେ। ସର୍ବ ପ୍ରଥମେ ସ୍ୱର୍ଗତ ଆତ୍ମାର ଶାନ୍ତି ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ବରିଷ୍ଠ ନାଗରିକ ମଂଚର ଉପ-ସଭାପତି ଅକ୍ଷୟ କୁମାର ସାହାଣୀ, ସାଧାରଣ ସମ୍ପାଦକ ସୁରେଶ କୁମାର କର, କୋଷାଧକ୍ଷ ଭ୍ରମରବର ପ୍ରଧାନ, ଦୁର୍ଗାପୂଜା ସମିତିର ଉପ-ସଭାପତି ନିମାଇଁ ଦାସ, ଯୁଗ୍ମ-ସମ୍ପାଦକ ମହେଶ୍ୱର ବିଶ୍ୱାଳ ଓ ନବୀନ ଭୁକ୍ତା, କୋଷାଧକ୍ଷ ପ୍ରତାପ କୁମାର ନନ୍ଦ, ଡ କୁମୁଦ ମିଶ୍ର, ଧିରେନ ନାଥ ଦାଶ, ପ୍ରସନ୍ନ ରଥ, ନଳିନୀ ମହାନ୍ତି, ମୋହନ ହେମ୍ରମ ଓ ପ୍ରଭାତି ମହାନ୍ତି ଆଦି ସ୍ୱର୍ଗତଃ ମଙ୍ଗରାଜଙ୍କର କଲୋନୀ ଓ ଅନୁଷ୍ଠାନ ପ୍ରତି ଅବଦାନ ବିଷୟରେ ବର୍ଣ୍ଣନା କରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଁ ଥିଲେ।

# ଓଡିଶାରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ତାଲିମ୍ ନେବେ ୯ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ଅଧିକାରୀ: ତିନିଦିନିଆ ତାଲିମ୍ ଶିବିର ଉଦଘାଟିତ

ଭୁବନେଶ୍ୱର:ଓଡ଼ିଶା ମଡେଲ୍ ବିଷୟରେ ଲାଲ୍ ବାହାଦୁର ଶାସ୍ତ୍ରୀ ପ୍ରଶାସନିକ ଏକାଡେମୀ ତରଫରୁ ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷଙ୍କ ସହଯୋଗିତାରେ ବିଭିନ୍ନ ରାଜ୍ୟର ପ୍ରଶାସନିକ ଅଧିକାରୀମାନଙ୍କ ପାଇଁ ତିନିଦିନିଆ ତାଲିମ୍ କାର୍ଯ୍ୟ ଆରମ୍ଭ ହୋଇଛି । ଏହି ତିନିଦିନିଆ ତାଲିମ୍ କାର୍ଯ୍ୟକ୍ରମରେ ଗୁଜୁରାଟ, ତ୍ରିପୁରା, ମହାରାଷ୍ଟ୍ର, କେରଳ, ତାମିଲ୍ନାଡ଼ୁ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ଗୋଆ ଆଦି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ଡାମନ ରୁ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ନିୟୋଜିତ ୨୨ ଜଣ ପ୍ରଶାସନିକ ଅଧିକାରୀ ଅଂଶ ଗ୍ରହଣ କରିଛନ୍ତି । ତାଲିମ୍ ସମୟରେ ଏହି ଅଧିକାରୀମାନେ ରାଜ୍ୟ ଆପଦକାଳୀନ କେନ୍ଦ୍ର, ପ୍ରାକୃତିକ ବିପର୍ଯ୍ୟୟ ସମ୍ବନ୍ଧିତ ଆଗୁଆ ସତର୍କ ସୂଚନା ପ୍ରସାରଣ, ଉଦ୍ଧାର ଓ ରିଲିଫ୍ ଯୋଗାଣପାଇଁ ବ୍ୟବହୃତ ଯନ୍ତ୍ରପାତି, ଆପଦକାଳୀନ କାର୍ଯ୍ୟାନୁଷ୍ଠାନ ନିମନ୍ତେ ମକ୍ ଡ୍ରିଲ୍, ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଆଦିବୁଲି ଦେଖିବାସହ ଓଡ୍ରାଫ୍, ଗ୍ରାମ ସ୍ତରୀୟ ବିପର୍ଯ୍ୟୟ ପରିଚାଳନା ସ୍ୱେଚ୍ଛାସେବୀ, ଆପଦ ମିତ୍ର ଓ ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା କମିଟି ସଦସ୍ୟମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ଥିବାର ଜଣାପଡ଼ିଛି ।ବୁଧବାର ସ୍ଥାନୀୟ ମଧୁସୂଦନ ଦାସ ଆଂଚଳିକ ଆର୍ଥିକ ପରିଚାଳନା ପ୍ରତିଷ୍ଠାନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ ୧୯୯୯ ମସିହାର ମହାବାତ୍ୟା ଓଡ଼ିଶା ପାଇଁ ଏକ ବିରାଟ ଆହ୍ୱାନ ଏବଂ ଅଭିଜ୍ଞତା ଥିଲା । ଗତ ୨୧ ବର୍ଷ ମଧ୍ୟରେ ଲୋକମାନଙ୍କର ଧନ ଓ ଜୀବନ ଉପରେ ବନ୍ୟା ଓ ବାତ୍ୟାର ଧ୍ୱଂସକାରୀ ପ୍ରଭାବ ନିୟନ୍ତ୍ରିତ କରିବା ଦିଗରେ ରାଜ୍ୟ ଅନେକ ଦକ୍ଷତା ହାସଲ କରିଛି । ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ ସହ ତତକ୍ଷଣାତ୍ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ସ୍ୱତନ୍ତ୍ର ବାହିନୀ ଗଠନ କ୍ଷେତ୍ରରେ ଓଡ଼ିଶା ପ୍ରଥମ ରାଜ୍ୟ । ଇତି ମଧ୍ୟରେ ଏହି ଦୁଇଟି ବ୍ୟବସ୍ଥାକୁ ଅଧିକ ଦକ୍ଷତା ସଂପନ୍ନ କରାଯାଇଛି । ବିଭିନ୍ନ ବିଭାଗ ପାଇଁ ନିର୍ଦ୍ଧାରିତ ଏସଓପି ଏବଂ ଆଗୁଆ ପ୍ରସ୍ତୁତି ପାଇଁ ନିର୍ଦ୍ଦିଷ୍ଟ ଆନୁଷ୍ଠାନିକ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରାଯାଇଛି । ରାଜ୍ୟଠାରୁ ଗ୍ରାମ ପର୍ଯ୍ୟନ୍ତ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ବ୍ୟବସ୍ଥିତ ଓ ସଂଗଠିତ କରାଯାଇଛି ।ଉଦଘାଟନୀ ପର୍ଯ୍ୟାୟରେ ଓଡ଼ିଶାରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାର ଅତୀତ ଓ ବର୍ତମାନ ବିଷୟରେ ସୂଚନା ନେଇ ଉନ୍ନୟନ କମିଶନର ଏବଂ ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷଙ୍କ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ଜେନା କହିଥିଲେ ବାତ୍ୟା ଓ ବନ୍ୟାଭଳି ପ୍ରାକୃତିକ ବିପର୍ଯ୍ୟୟ ଓଡ଼ିଶାର ଚିର ସହଚର । ଜଳବାୟୁ ପରିବର୍ତନ ସହ ଏହି ସବୁ ବିପର୍ଯ୍ୟୟର ପୁନଃପୌନିକତା ଏବଂ ତୀବ୍ରତା ବଢିବାରେ ଲାଗିଛି । ନିଜର ଅଭିଜ୍ଞତା ଭିତିରେ ରାଜ୍ୟ ନିଜକୁ ଗତ ଦୁଇ ଦଶନ୍ଧି ମଧ୍ୟରେ ସଶକ୍ତ, ସଜାଗ ଓ ପ୍ରସ୍ତୁତ କରିଛି। ଓଡ଼ିଶା ବିପର୍ଯ୍ୟୟ ମୁକାବିଲା ଫୋର୍ସ (ଓଡ୍ରାଫ୍) ଏବଂ ଓଡ଼ିଶା ଅଗ୍ନିଶ୍ରମ ସେବା ଫୋର୍ସ୍‌କୁ ପୂର୍ଣ୍ଣ ପ୍ରସ୍ତୁତ କରାଯାଇଛି । ଆଗୁଆ ସତର୍କ ସୂଚନା ପ୍ରସାରଣ ବ୍ୟବସ୍ଥାକୁ ବିକଶିତ କରାଯାଇଛି । ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ ଯେକି ବଜ୍ରପାତର ପୂର୍ବ ଅନୁଧ୍ୟାନ ଓ ସତର୍କ ସୂଚନା ପ୍ରଦାନ କରୁଛି ।ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ମହା ନିର୍ଦ୍ଦେଶକ ସୁଦର୍ଶନ ପାଲ୍ ଠାକୁର, ମଧୁସୂଦନ ଆଂଚଳିକ ଆର୍ଥିକ ପରିଚାଳନା ଏକାଡେମୀର ନିର୍ଦ୍ଦେଶକ ନିହାର ରଂଜନ ସ୍ୱାଇଁ, ଲାଲବାହାଦୁର ଶାସ୍ତ୍ରୀ ପ୍ରଶାସନିକ ଏକାଡେମୀର ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କେନ୍ଦ୍ରର ନିର୍ଦ୍ଦେଶକ ଅଭିରାମ ଜି ଶଙ୍କର ପ୍ରମୁଖ ତାଲିମ୍ ଦେଇଥିଲେ । ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ କର୍ତୁପକ୍ଷଙ୍କ ପ୍ରଶାସନିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କମଳ ଲୋଚନ ମିଶ୍ର ତାଲିମ୍ କାର୍ଯ୍ୟକ୍ରମ ବିଷୟରେ ସବିଶେଷ ସୂଚନା ଦେବାସହ ଅତିଥି ଓ ବିଶେଷଜ୍ଞ ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଲାଲ୍ ବାହାଦୁର ଶାସ୍ତ୍ରୀ ଜାତୀୟ ପ୍ରଶାସନିକ ଏକାଡେମୀର ସହ ନିର୍ଦ୍ଦେଶକ ମିସ୍ ଏକତା ୟୁନିଆଲ୍ ଧନ୍ୟବାଦ ଜ୍ଞାପନ କରିଥିଲେ । ଓସଡ୍ମୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସତ୍ୟରଂଜନ ସାହୁ ତାଲିମ୍ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

# ୫୫ତମ 'ସଂସ୍କୃତି ଚର୍ଚ୍ଚା' କାର୍ଯ୍ୟକ୍ରମ : ମଧୁବାବୁ ଓଡ଼ିଆ ସଂସ୍କୃତି, ସ୍ୱାଭିମାନ ଓ ଜାତୀୟତାର ଉଦ୍‌ଗାତା

ଭୁବନେଶ୍ୱର: ତତ୍କାଳୀନ ନେତୃବର୍ଗଙ୍କ ମଧ୍ୟରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଭାବନା ଆସିନଥିବାବେଳେ ଉତ୍କଳଗୌରବ ମଧୁସୂଦନ ଭାଷାଭିତିକ ରାଜ୍ୟ ଗଠନର ଆଭିମୁଖ୍ୟ ଗ୍ରହଣ କରି ଇତିହାସ ସୃଷ୍ଟି କରିଥିଲେ । ଓଡ଼ିଆ ଜାତୀୟତା ଓ ସ୍ୱାଭିମାନର କାଣ୍ଡାରୀ ଭାବରେ ମଧୁବାବୁଙ୍କ ଭୂମିକା ଓଡ଼ିଆ ଜାତିର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ରହିବ ବୋଲି ପ୍ରଧାନ ଆୟକର ଆୟୁକ୍ତ ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ ପ୍ରକାଶ କରିଛନ୍ତି । ଆଜି ସନ୍ଧ୍ୟାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରାଜ୍ୟ ଅଭିଲେଖାଗାର ପକ୍ଷରୁ ଆୟୋଜିତ ୫୫ତମ 'ସଂସ୍କୃତି ଚର୍ଚ୍ଚା' କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ଶ୍ରୀ ପାଣିଗ୍ରାହୀ 'ମଧୁବାବୁ: ଓଡ଼ିଆ ସଂସ୍କୃତି, ସ୍ୱାଭିମାନ ଓ ଜାତୀୟତା' ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖିଥିଲେ ।ଶ୍ରୀ ପାଣିଗ୍ରାହୀ କହିଥିଲେ ଯେ ମଧୁବାବୁ ବାଲ୍ୟକାଳରୁ ତାଙ୍କ ପ୍ରପିତାମହ, ମାତାମହୀ ଓ ସ୍ନେହମୟୀ ଜନନୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ । ବିଚିତ୍ରାନନ୍ଦ ଦାସଙ୍କ ଦ୍ୱାରା ଗଭୀର ଭାବେ ପ୍ରଭାବିତ ମଧୁବାବୁ ପରବର୍ତୀ ଜୀବନରେ ନୂତନ ଇଲାକାର ସନ୍ଧାନରେ ଯାଇ ଅଭୂତପୂର୍ବ ସଫଳତା ହାସଲ କରିଥିଲେ ।ସାଧୁତା, ସମ୍ମାନ ଓ ସ୍ୱାଭିମାନର ସହିତ ଓଡ଼ିଆ ଜାତିର ଆତ୍ମପରିଚିତି ସୁଦୃଢ଼ କରିବା ପାଇଁ ସେ ଆଜୀବନ ଉଦ୍ୟମ କରିଥିଲେ । ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନ ସମ୍ବାଦ ପାଇବା ପରେ ସେ ଖୁସୀ ହୋଇଥିଲେ। ମୃତ୍ୟୁଶଯ୍ୟାରେ ସେ ତାଙ୍କ ଶେଷ ବାର୍ତାରେ କହିଥିଲେ-'ମନେ ରଖିଥିବ ଜଣେ ଓଡ଼ିଆ ଥିଲା।' ତାଙ୍କ ଶବଶୋଭାଯାତ୍ରା ଅଭୂତପୂର୍ବ ଥିଲା।ବିଭାଗୀୟ କମିଶନର ତଥା ଶାସନ ସଚିବ ସୁରେଶ ଚନ୍ଦ୍ର ଦଳାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ମଧୁବାବୁ ଇଂରାଜୀ ଓ ବଙ୍ଗଳା କହୁଥିଲେ ମଧ୍ୟ ଓଡ଼ିଆ ଭାଷାର ଦୃଢ଼ ସମର୍ଥକ ଥିଲେ। ଓଡ଼ିଆ ଲିପି ସଂପର୍କରେ ସେ ଚମତ୍କାର ବକ୍ତୃତା ଦେଇଥିଲେ। ଓଡ଼ିଆରେ ଲିଖିତ ତାଙ୍କ ସାର୍ଥକ ଉଦ୍‌ବୋଧନଭିତିକ କବିତାଗୁଡ଼ିକ ଦେଶପ୍ରେମର ଜ୍ୱଳନ୍ତ ଉଦାହରଣ। କାର୍ଯ୍ୟକ୍ରମରେ ଅଧକ୍ଷତା କରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ତଥା ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ କହିଲେ ଯେ ଜୀବନର ବହୁକ୍ଷେତ୍ରରେ ମଧୁବାବୁ ପ୍ରଥମ ହେବା ଯେତେ ଗୁରୁତ୍ୱପୂର୍ଣ୍ଣ ନୁହେଁ, ଓଡ଼ିଆଙ୍କ ସ୍ୱାଭିମାନ ରକ୍ଷା ଦିଗରେ ତାଙ୍କ ଅବଦାନ ଅଧିକ ଗୁରୁତ୍ୱପୂର୍ଣ୍ଣ । ଉନବିଂଶ ଶତାବ୍ଦୀର ଓଡ଼ିଶା ତତ୍କାଳନୀ ରାଜନୈତିକ - ଅର୍ଥନୈତିକ ପରିସ୍ଥିତି, ଉତ୍କଳ ସମ୍ମିଳନୀର ନେତୃତ୍ୱ ସହିତ ଓଡ଼ିଶାରେ ନବ ଜାଗରଣର ଅଭ୍ୟୁଦୟରେ ମଧୁବାବୁଙ୍କ ଭୂମିକା, ଓଡ଼ିଶାର ଅର୍ଥନୈତିକ-ସାଂସ୍କୃତିକ ପ୍ରଗତିର ଇତିହାସ ନିର୍ମାଣରେ ତାଙ୍କର ଅପାସୋରା ସ୍ୱାକ୍ଷର ତାଙ୍କୁ ଓଡ଼ିଶା ଇତିହାସର ପ୍ରଣମ୍ୟ ପୁରୁଷ ଭାବେ ସ୍ମରଣୀୟ କରି ରଖିଛି ।

## ଜ୍ୟୋତିପ୍ରକାଶଙ୍କ ଦଶାହରେ ଦ୍ୱୀପ ଜାଳିଲା ବିଜେପି

ଭୁବନେଶ୍ୱର: ଡ୍ରେନ୍ ରେ ଭାସିଯାଇ ପ୍ରାଣ ହରାଇଥିବା ଜ୍ୟୋତିପ୍ରକାଶ ବେହେରାଙ୍କ ଦଶାହ କର୍ମରେ ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ବିଜେପି ତରଫରୁ ଅମର ଆତ୍ମାର ସଦଗତି ପାଇଁ ବରମୁଣ୍ଡା ନୀଳକଣ୍ଠେଶ୍ୱର ମନ୍ଦିର ସମ୍ମୁଖରେ ଦ୍ୱୀପ ଜାଳି ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ବିଜେପି ସଭାପତି ବାବୁସିଂ ଙ୍କ ଅଧକ୍ଷତାରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଦିବଂଗତ ମେଧାବୀ ଛାତ୍ର ସ୍ୱର୍ଗତ ଜ୍ୟୋତିପ୍ରକାଶ ଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇ ତାଙ୍କର ଆତ୍ମାର ସତଗତି ପାଇଁ ପ୍ରାର୍ଥନା କରାଯାଇଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭାରେ ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ସୁନୀଲ ପ୍ରଧାନ,ଜିଲ୍ଲା ସାଧାରଣ ସମ୍ପାଦକ ଅଭିଷେକ ଆଚାର୍ଯ୍ୟ,ହିମାଂଶୁ ଶେଖର ଛୋଟରାୟ,ଦିଲ୍ଲୀପ ବେହେରା,ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ମନ୍ଦାକିନୀ ପାତ୍ର, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ରଶ୍ମିରଞ୍ଜନ ମୁଦୁଲି,ଜିଲ୍ଲା ଉପସଭାପତି ମାନସୀ ରାୟ,ଜିଲ୍ଲା ମଣ୍ଡଳ ସଭାପତି ରାମ ରଣସିଂପ୍ରମୁଖ ଯୋଗଦେଇଥିଲେ।

# ଝାଡ଼ଖଣ୍ଡରେ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଉତ୍କଳ ସମ୍ମିଳନୀ ପକ୍ଷରୁ ପ୍ରତିବାଦ ସଭା

ଭୁବନେଶ୍ୱର୍ୟ ସ୍ଥାନୀୟ ରାଜଭବନ ସମ୍ମୁଖରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତମୂର୍ତି ପାଖରେ ଉତ୍କଳ ସମ୍ମିଳନୀର କର୍ମକର୍ତା ଓ ସଦସ୍ୟ ସଦସ୍ୟମାନେ ଝାଡ଼ଖଣ୍ଡ ସରକାରଙ୍କ ମାନ୍ୟତା ପ୍ରାପ୍ତ ଦ୍ୱିତୀୟ ରାଜ୍ୟଭାଷା ଓଡ଼ିଆକୁ ଉଚ୍ଛେଦ କରିବା ଲାଗି ନେଇଥିବା ନିଷ୍ପତି ବିରୋଧରେ ପ୍ରତିବାଦ କରିବା ସହିତ ଝାଡ଼ଖଣ୍ଡର ଓଡ଼ିଆ ଭାଷାଭାଷୀ ବହୁଳ ଅଂଚଳରେ ଆନ୍ଦୋଳନରତ ଓଡ଼ିଆ ଭାଇ ଭଉଣୀମାନଙ୍କୁ ସମର୍ଥନ କରିଛନ୍ତି। ପ୍ରତିବାଦ ସଭା ପରେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଝାଡ଼ଖର୍ଡ ସରକାରଙ୍କର ଏଭଳି ନିଷ୍ପତି ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ ବୋଲି କୁହାଯିବା ସହିତ ଏଥିରେ ହସ୍ତକ୍ଷେପ କରିବା ପାଇଁ ସମ୍ମିଳନୀ ପକ୍ଷରୁ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀଙ୍କ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯିବ ବୋଲି ନିଷ୍ପତି ନିଆଯାଇଛି। ଆଜିର କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶିଳ୍ପାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବାବେଳେ ଉପଦେଷ୍ଟା ଡ. ଦ୍ୱାରୀକା ନାଥ ମହାନ୍ତି ଓ ନିରଞ୍ଜନ ଦାଶ, କେନ୍ଦ୍ରୀୟ ଉପ-ସଭାପତି ଅଧିବକ୍ତା ବିଚିତ୍ର କୁମାର ବଡ଼ଜେନା ଓ ଡ. ସୁରେନ୍ଦ୍ର ମୋହନ ମିଶ୍ର, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ଓ ବାସନ୍ତି ତ୍ରିପାଠୀ, ଭୁବନେଶ୍ୱର ଶାଖା ଉପ ସଭାପତି ସୁବ୍ରତ କୁମାର ମହାପାତ୍ର ଓ ସମ୍ପାଦକ ରାଜେଶ କୁମାର ସାହୁ, ଯୁଗ୍ମ ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡ଼ନାୟକ, ଉଦୟନାଥ ତ୍ରିପାଠୀ, ଅକ୍ଷୟ ଜେଠୀ, ସମରଞ୍ଜନ ମହାନ୍ତି, ପ୍ରକାଶ ସାମଲ ଓ ରାମଚନ୍ଦ୍ର ସାମଲ ଆଦି ଭାଗ ନେଇଥିଲେ।

# ଏଲ ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନରେ ନେତୃତ୍ୱ ପରିବର୍ତନ : ଡା.ଗୁଲାପାଲି ଏନ୍ ରାଓଙ୍କ ସ୍ଥାନରେ ଡା. ପ୍ରଶାନ୍ତ ଗର୍ଗ ଅବସ୍ଥାପିତ

ଭୁବନେଶ୍ୱର : ଡା. ପ୍ରଶାନ୍ତ ଗର୍ଗ ଏଲ ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ (ଏଲଭିପିଇଆଇ)ର ଏକ୍‌ଜିକ୍ୟୁଟିଭ ଚେୟାର ଭାବରେ ଡା.ଗୁଲାପାଲି ଏନ୍ ରାଓଙ୍କ ସ୍ଥାନରେ ଅବସ୍ଥାପିତ ହେବେ। ଡା. ଗର୍ଗ ଏହି ନୂତନ ଦାୟିତ୍ୱ ୨୦୨୧ ଅକ୍ଟୋବରରୁ ଗ୍ରହଣ କରିଥିବା ଏଲଭିପିଇଆଇ ପକ୍ଷରୁ ଘୋଷଣା କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ ଉତ୍କୃଷ୍ଟ ଓ ବ୍ୟାପକ ଚକ୍ଷୁ ସେବା ଯତ୍ନ ପ୍ରଦାନ ଉଦ୍ଦେଶ୍ୟରେ ଡା.ଗୁଲାପାଲି ଏନ୍ ରାଓ ୧୯୮୭ରେ ଏଲ ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ ପ୍ରତିଷ୍ଠା କରିଥିଲେ। ଏହା ଜନସାଧାରଣଙ୍କ ସେବା ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଏକ ଅଣ-ଲାଭଦାୟକ ଚକ୍ଷୁ ସ୍ୱାସ୍ଥ୍ୟ ଅନୁଷ୍ଠାନ। ଗତ ତିନି ଦଶନ୍ଧି ଧରି ଡା.ରାଓଙ୍କ ଦୃଢ ନେତୃତ୍ୱ ବଳରେ ଏଲଭିପିଇଆଇ ୩୨.୧୧ ନିୟୁତ (୩ କୋଟି ୨୧ ଲକ୍ଷ) ଲୋକଙ୍କୁ ସେବା ପ୍ରଦାନ କରିଛି। ସେମାନଙ୍କ ମଧ୍ୟରୁ ୫୦%ଙ୍କୁ ଜଟିଳତା ନିର୍ବିଶେଷରେ ମାଗଣାରେ ସେବା ପ୍ରଦାନ କରାଯାଇଛି। ଡା.ରାଓ ଜଣେ ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ଚକ୍ଷୁ ବିଶେଷଜ୍ଞ ଏବଂ ଅନେକ ସମ୍ମାନଜନକ ପୁରସ୍କାର ଓ ସ୍ୱୀକୃତି ଲାଭ କରିଛନ୍ତି ତଥା ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଛନ୍ତି। ଡାକ୍ତର ରାଓ ଏହି ଅବସରରେ କହିଛନ୍ତି, ନ୍ତମୁଁ ଏହି ଦାୟିତ୍ୱକୁ ମୋର ଉତ୍ତରାଧିକାରୀ ଶ୍ରୀ ପ୍ରଶାନ୍ତ ଗର୍ଗଙ୍କୁ ହସ୍ତାନ୍ତର କରୁଛି ଏବଂ ଆଶା କରୁଛି ଯେ ସେ ଏଲଭିପିଇଆଇକୁ ଏକ ନୂତନ ଶିଖରରେ ପହଞ୍ଚାଇବେ। ମୋର ଆତ୍ମବିଶ୍ୱାସ ରହିଛି ଯେ ଏଲଭିପିଇଆଇ ଏହାର ସେବାର ପ୍ରସାର କରିବ, ଅପହଞ୍ଚଙ୍କ ନିକଟରେ ପହଞ୍ଚିବ ଓ ଅନେକଙ୍କ ଜୀବନରେ ସକାରାତ୍ମକ ପରିବର୍ତନ ଆଣିବା ସହିତ ସମସ୍ତଙ୍କୁ ଉତ୍କୃଷ୍ଟ ଚକ୍ଷୁ ଯତ୍ନ ସେବା ପ୍ରଦାନର ଧାରା ଜାରି



ରଖିବ। ମୁଁ ତାଙ୍କୁ ଓ ତାଙ୍କର ଟିମ୍‌କୁ ଶୁଭକାମନା ଜଣାଉଛି ।ନ୍ତ ଉଲ୍ଲେଖଯୋଗ୍ୟ ଯେ ଡା.ଗୁଲାପାଲି ଏନ୍ ରାଓ ଏଲଭିପିଇଆଇକୁ ଦିଗ୍‌ଦର୍ଶନ ପ୍ରଦାନ ଜାରି ରଖିବେ। ଡା. ପ୍ରଶାନ୍ତ ଗର୍ଗ କର୍ଣ୍ଣିଆଲ ସଂକ୍ରମଣ, ଆଣ୍ଟି ମାଇକ୍ରୋବାୟାଲ ରେଜିଷ୍ଟାନ୍ସ ଓ ଚକ୍ଷୁ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଜଣେ ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ବ୍ୟକ୍ତିତ୍ୱ ଅଟନ୍ତି। ସେ ଅନେକ ଜାତୀୟ, ଆନ୍ତର୍ଜାତୀୟ ପୁରସ୍କାର ଲାଭ କରିଛନ୍ତି। ସେ ମଧ୍ୟ ଅନେକ ଆନ୍ତର୍ଜାତିକ ଅନୁଷ୍ଠାନ, ସୋସାଇଟି ଏବଂ ବିଜ୍ଞାନ ଜର୍ଣ୍ଣାଲ ବୋର୍ଡରେ ରହିଛନ୍ତି। ସେ ୧୯୯୬ରେ ଏହି ଏଲଭିପିଇଆଇରେ ଜଣେ କର୍ଣ୍ଣିଆ ଫେଲୋ ଭାବରେ ଯୋଗଦେବା ଦିନଠାରୁ ଏହି ଅନୁଷ୍ଠାନ ସହିତ ଜଡିତ ଅଛନ୍ତି। ଏହି ୨୫ ବର୍ଷ ମଧ୍ୟରେ ସେ ଅନୁଷ୍ଠାନରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀ ଯଥା- ଡାଇରେକ୍ଟର, କାଲାମ ଆଁ ରେଡ୍ଡି କ୍ୟାମ୍ପସ-ଉତ୍କର୍ଷତା କେନ୍ଦ୍ର, ହାଇଦରାବାଦ; ଡାଇରେକ୍ଟର, କୋଡେ ଭେଙ୍କଟରେଡି ଚୌଧୁରୀ କ୍ୟାମ୍ପସ, ବିଜୟୱାଡ଼ା; ଆଇ ବ୍ୟାଙ୍କିଙ୍ଗର ନେଟୱର୍କ ହେଡ୍ ଓ ଶିକ୍ଷାର ମୁଖ୍ୟ ଭାବରେ ଅବସ୍ଥାପିତ ହୋଇଛନ୍ତି। ସେ ମଧ୍ୟ ଡା.ପୌଲ ଡ୍ୟୁବୋର୍ଡ ଚେୟାର ଅଫ କର୍ଣ୍ଣିଆରେ ଅବସ୍ଥାପିତ ଅଟନ୍ତି ।ଅନେକ ଗବେଷଣା ଅନୁଦାନ ସହିତ ତାଙ୍କର ଏକ ଦୃଢ ପ୍ରକାଶନ ରେକର୍ଡ ରହିଛି। ଡା.ଗର୍ଗ ଜଣେ କୁମେଟ କ୍ଲିନିକାଲ ସାଇଣ୍ଟିଷ୍ଟ। ପିୟର-ସମୀକ୍ଷାକୃତ ଜର୍ଣ୍ଣାଲରେ ସେ ୧୯୦ରୁ ଅଧିକ ବିଜ୍ଞାନ ସମ୍ବଳିତ ଲେଖା ପ୍ରକାଶ କରିଛନ୍ତି ଓ ଅନେକ ପୁସ୍ତକର ଅଧ୍ୟାୟକୁ ମଧ୍ୟ ଲେଖିଛନ୍ତି। ସେ ଅନେକ ସମ୍ମାନଜନକ ଆନ୍ତର୍ଜାତିକ ସମ୍ମିଳନୀର ଆମନ୍ତ୍ରିତ ଫାକଲ୍‌ଟି ଅଟନ୍ତି ଓ ଅନେକ ଲେକ୍‌ଚର ମଧ୍ୟ ପ୍ରଦାନ କରିଛନ୍ତି। ଏଲ ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନର ଏକ୍‌ଜିକ୍ୟୁଟିଭ ଚେୟାର ଡା. ପ୍ରଶାନ୍ତ ଗର୍ଗ କହିଛନ୍ତି, ନ୍ତମୋତେ ଏହି ନୂତନ ଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ମୁଁ ନିଜକୁ ଗୌରବାନ୍ୱିତ ଓ ଆନନ୍ଦିତ ମନେକରୁଛି। ଆମର ରୋଗୀ, ଦାତା ଓ ସହଯୋଗୀଙ୍କ ମୂଲ୍ୟବାନ ସହଯୋଗ ବଳରେ ଏବଂ ଆମର ଦକ୍ଷ ଟିମ୍‌ଙ୍କ ସହାୟତା କ୍ରମେ ମୁଁ ଆଶାବାଦୀ ଯେ ଏଲଭିପିଇଆଇ ଏହାର ସେବା ପ୍ରଦାନର ଧାରା ଜାରି ରଖିବ, ଲୋକଙ୍କ ନିକଟରେ ଚକ୍ଷୁ ସେବା ପହଞ୍ଚାଇପାରିବ, ଦୃଷ୍ଟିଶକ୍ତି ପୁନଃଥଇଥାନ କରାଯାଇପାରିବ, ନୂତନ ବୈଷୟିକିର ଗ୍ରହଣ, ଦୃଷ୍ଟିଶକ୍ତି-ବିପଦ ଥିବା ଚକ୍ଷୁ ଅବସ୍ଥାର ଗବେଷଣା, ଉତ୍ତମ ମାନର ତାଲିମ ପ୍ରଦାନ, ଜାତୀୟ ଓ ଆନ୍ତର୍ଜାତୀୟ ଭାବରେ ପାର୍ଟନରଙ୍କ ସହିତ ସହଭାଗିତା ସ୍ଥାପନ ଆଦି ଦ୍ୱାରା ପ୍ରତିକାରଯୋଗ୍ୟ ଦୃଷ୍ଟିହୀନତା ଦୂର କରାଯାଇପାରିବ। ଏଲଭିପିଇଆଇ ସମ୍ପର୍କରେ: ୧୯୮୭ ମସିହାରେ ପ୍ରତିଷ୍ଠିତ ଏଲଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ (ଏଲଭିପିଇଆଇ)ଠାରେ ଚକ୍ଷୁ ଯତ୍ନ ସୁବିଧା ପ୍ରଦାନ କରାଯାଉଛି। ଏହାସହିତ ଏହି ଅନୁଷ୍ଠାନ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହିତ ମିଶି ଦୃଷ୍ଟି ସମସ୍ୟାକୁ ଦୂର କରିବାରେ କାର୍ଯ୍ୟ କରୁଛି। ଏହି ଅନୁଷ୍ଠାନର ଦଶଟି ସକ୍ରିୟ କ୍ଷେତ୍ର ରହିଛି, ଯେଉଁଠାରେ ଏହା କାର୍ଯ୍ୟ କରୁଛି। ସେଗୁଡିକ ହେଉଛି ଡାକ୍ତରୀ ସେବା, ଶିକ୍ଷା, ଗବେଷଣା, ଦୃଷ୍ଟିଶକ୍ତି ପୁନଃଥଇଥାନ, ଗ୍ରାମୀଣ ଓ ଗୋଷ୍ଠୀ ଚକ୍ଷୁ ସ୍ୱାସ୍ଥ୍ୟ, ଚକ୍ଷୁ ବ୍ୟାଙ୍କିଙ୍ଗ, ସଚେତନତାର ପ୍ରସାର, ପଲିସିର ପ୍ଲାନିଂ, ଦକ୍ଷତା ନିର୍ମାଣ, ନବିନତା ଓ ଉତ୍ପାଦର ବିକାଶ। ଏଲଭିପିଇଆଇର ୨୩୬ଟି କେନ୍ଦ୍ର ଭାରତର ବିଭିନ୍ନ ରାଜ୍ୟରେ ରହିଛି। ଏହି ରାଜ୍ୟଗୁଡିକ ହେଉଛି ତେଲେଙ୍ଗାନା, ଆନ୍ଧ୍ର ପ୍ରଦେଶ, ଓଡ଼ିଶା ଓ କର୍ଣ୍ଣାଟକ। ଏହି ଅନୁଷ୍ଠାନର ଲକ୍ଷ୍ୟ ହେଉଛି ସମାଜର ସବୁ ବର୍ଗଙ୍କୁ ଉପଯୁକ୍ତ ଚକ୍ଷୁ ଯତ୍ନ ପ୍ରଦାନ କରିବା। ଏଲଭିପିଇଆଇର ପାଞ୍ଚ-ଟିୟର 'ଚକ୍ଷୁ ସ୍ୱାସ୍ଥ୍ୟ ପିରାମିଡ' ମଡେଲ ଗ୍ରାମଠାରୁ ସହର ପର୍ଯ୍ୟନ୍ତ ସମାଜର ସମସ୍ତ ବର୍ଗକୁ ପରିସରଭୁକ୍ତ କରୁଛି ଏବଂ ଏହା ଉଚ୍ଚ ମାନର ଚକ୍ଷୁ ଯତ୍ନ ସେବା ସମସ୍ତଙ୍କୁ ପ୍ରଦାନ କରୁଛି। ଏହା ୩୨.୧୧ ନିୟୁତ (୩ କୋଟି ୨୧ ଲକ୍ଷ) ରୋଗୀଙ୍କୁ ସେବା ପ୍ରଦାନ କରିଛି। ସେମାନଙ୍କ ମଧ୍ୟରୁ ୫୦%ରୁ ଅଧିକ ରୋଗୀଙ୍କୁ ସେମାନଙ୍କ ରୋଗର ଜଟିଳତା ନିର୍ବିଶେଷରେ ମାଗଣାରେ ଚିକିତ୍ସା ସେବା ପ୍ରଦାନ କରାଯାଇଛି।

## ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେବା, ଆଶାସାଥି ମାନଙ୍କୁ ବୀମା ଭୁକ୍ତ କରି ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାରେ ଆଶାସାଥିଙ୍କୁ ଅର୍ନ୍ତଭୁକ୍ତ କରିବା ଓ କୋଭିଡ-୧୯ ଯୋଦ୍ଧା ଭାବେ ଏମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି।

# ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା। ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି। ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

# ରାଜଧାନୀରେ ୨୪ ଘଣ୍ଟାରେ ୨୪୦ ପଜିଟିଭ୍

ଭୁବନେଶ୍ୱର : ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ଗୁରୁବାର ଦିନ ଆଉ ୨୪୦ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୫୭ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୧୮୩ ଲୋକାଲ୍ କେସ୍ ରହିଛନ୍ତି । ଅପରପକ୍ଷରେ ୨୪ ଘଂଟାରେ ୧୮୭ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ଲୋକାଲ ମାମଲା ମଧ୍ୟରୁ ନୟାପଲ୍ଲୀରୁ ସର୍ବାଧିକ ୧୨ ଜଣ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଓଲ୍ଡଟାଉନ୍ ରୁ ୧୧ ଜଣ, ଖଣ୍ଡଗିରିରୁ ୯ ଜଣ, ପଟିଆରୁ ୮ ଜଣ, ଚନ୍ଦ୍ରଶେଖରପୁର ଓ ପାତ୍ରପଡାରୁ ୫ ଜଣ ଲେଖାଏଁ, ଟଙ୍କପାଣିରୋଡ୍ ଓ ୟୁନିଟ୍ ୬ ରୁ ୪ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୧୨୮୮୪ କୁ ବୃଦ୍ଧି ପାଇଛି।

## ଶାରୀରିକ ଅସୁସ୍ଥତା ଚ଼ାପି ପାରିନି ଶ୍ୱେତପଦ୍ମାଙ୍କ ପ୍ରତିଭା ଓ କଳାକୁ

କଥାରେ ଅଛି ଇଚ୍‌ଛା ଥିଲେ ଉପାୟ ଆପେ ଆସେ, ସେଇ କଥା କୁ ପ୍ରମାଣ କରି ଦେଖାଇଛନ୍ତି କେଉଁଝର ଜିଲ୍ଲା ବ୍ରାହ୍ମଣ ସାହି ବାସିନ୍ଦା ଶ୍ୱେତପଦ୍ମା ମିଶ୍ର ।ପିଲାଟି ବେଳୁ ଚିତ୍ର କଳା ପ୍ରତି ବହୁତ ଆଗ୍ରହ ଥିଲା ତାଙ୍କର,





ଜେଜେ ମା ଝୋଟି ପକାଉଥିବା ବେଳେ ତାଙ୍କୁ ଅନୁସରଣ କରୁଥିଲେ ଶ୍ୱେତପଦ୍ମା। ପିତା ବିରଞ୍ଚି ନାରାୟଣ ମିଶ୍ର ଓ ମାତା ସୁଲଚ଼ନା ମିଶ୍ରଙ୍କ ସୁକନ୍ୟା ଶ୍ୱେତପଦ୍ମା ମିଶ୍ର। ହେଲେ ନିୟତିର ନିଷ୍ପତ୍ତି ଥିଲା କିଛି ଅଲଗା, ବିରଳ ସ୍ନାୟୁ ରୋଗ ରେ ପୀଡିତ ହେଲେ ଶ୍ୱେତପଦ୍ମା,ଦୀର୍ଘ ଚ଼ାରି ବର୍ଷ ବିଛଣା ରେ ପଡି ରହିଲେ ସେ ତଥାବି ସେ ଭାଙ୍ଗି ପଡିନଥିଲେ କି ମନବଳ ହାରିନଥିଲେ ଦେହ ଖରାପ ପାଇଁ ଅଧାରୁ ପାଠ ପଢା ଛାଡିବାକୁ ପଡିଲା ସତ ହେଲେ ସେ ଚ଼ିତ୍ର କଳାକୁ ଛାଡି ଛାଡି ନଥିଲେ ।ଦୁଇ ଦୁଇ ଥର ଅସ୍ତ୍ର ପଚ଼ାର ପରେ ସେ ଯେବେ ଭଲ ହେଲେ ପାରମ୍ପରିକ ଚ଼ିତ୍ର ମଣ୍ଡଳ ଚ଼ିତ୍ର କଳା ଅଙ୍କିବା ଆରମ୍ଭ କଲେ ଯାହା ଅତ୍ୟନ୍ତ କରୁକାର୍ଯ୍ୟମୟ। ପ୍ରଥମେ ପ୍ରଥମେ ସେ ଦେବା ଦେବୀ ଙ୍କ ମଣ୍ଡଳ ଚ଼ିତ୍ର ଆଙ୍କିଲେ ଯାହା ଥିଲା ଅତ୍ୟନ୍ତ ରୋମାଂଚ଼କର ପରେ ସେ କାର୍ଟୁନ ଠୁ ଆରମ୍ଭ କରି ସବୁ ପ୍ରକାର ମଣ୍ଡଳ ଚ଼ିତ୍ର ଆଙ୍କୁଛନ୍ତି ଏହି ପାରମ୍ପରିକ ଚ଼ିତ୍ର କଳା ତାଙ୍କୁ ଆଣିଦେଇଛି ସ୍ୱତନ୍ତ୍ର ପରିଚ଼ୟ ।ଏହା ସହ ସେ ଖୁବ ସୁନ୍ଦର କବିତା ଲେଖି ପାରନ୍ତି। ମଣ୍ଡଳ ଚ଼ିତ୍ରକଳା କୁ ଶ୍ୱେତପଦ୍ମା



ବିଶ୍ୱ ଦରବାରରେ ପରିଚ଼ିତ କରାଇବେ ଏଥିରେ ସନ୍ଦେହ ନାହିଁ।






## ଆୟୁଷ ଡ଼ାକ୍ତରଙ୍କ ଅସହଯୋଗ ଆନ୍ଦୋଳନ ଅକ୍ଟୋବର ୨ରୁ



ଖଣ୍ଡପଡା: ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ କାର୍ଯ୍ୟରତ ଆୟୁଷ ଡ଼ାକ୍ତରମାନେ ବିଭିନ୍ନ ସମସ୍ୟା ମଧ୍ୟଦେଇ ଗତି କରୁଥିବା ବେଳେ ରାଜ୍ୟ ସରକାର ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କୁ ଅଣଦେଖା କରୁଥିବା ଅଭିଯୋଗ ହେଉଛି । ଏହାର ପ୍ରତିବାଦରେ ଶତାଧିକ ଆୟୁଷ ଡ଼ାକ୍ତର ଆସ' । ଅକ୍ଟୋବର ୨ ତାରିଖରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ଦେଖା ଓ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନାରେ ସଂପୂର୍ଣ୍ଣ ଅସହଯୋଗ କରିବେ ବୋଲି ନିଷ୍ପତି ନେଇଥିବା ଜଣାଯାଇଛି । ଆୟୁଷ ଡ଼ାକ୍ତରମାନଙ୍କ ଅଭିଯୋଗ ଏହିକି ଯେ, ଗତ ୨୦୦୭ ମସିହାରୁ ଆଜି ସୁଦ୍ଧା ଗତ ୧୪ ବର୍ଷ ଧରି ସେମାନେ ସମସ୍ତ କାର୍ଯ୍ୟ ତୁଲାଉଥିଲେ ହେଁ ଅଦ୍ୟାବଧି ସେମାନଙ୍କୁ ନିୟମିତ କର୍ମଚାରୀର ମାନ୍ୟତା ପ୍ରଦାନ କରାଯାଇ ନାହିଁ । ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ଚୁକ୍ତିଭିତିକ ଡ଼ାକ୍ତର ଭାବେ ଆୟୁଷ ଡ଼ାକ୍ତରମାନେ କାର୍ଯ୍ୟ କରୁଥିବାର ସେମାନଙ୍କର ମାନସମ୍ମାନ କ୍ଷୁର୍ଣ୍ଣ ହେଉଥିବା ଅଭିଯୋଗ ହେଉଛି । ସେହିପରି ସ୍ୱଳ୍ପ ବେତନରେ ଆୟୁଷ ଡ଼ାକ୍ତରମାନେ କାର୍ଯ୍ୟ କରୁଥିବା ବେଳେ ବାରମ୍ବାର ଦାବି ସତ୍ୱେ ମଧ୍ୟ ଏଥିପ୍ରତି ରାଜ୍ୟ ସରକାର ଆଦୌ ଧ୍ୟାନ ଦେଉନଥିବାରୁ ଏହାର ପ୍ରତିବାଦରେ ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଆୟୁଷ ଡ଼ାକ୍ତରମାନେ ସ୍ୱାସ୍ଥ୍ୟସେବା କାର୍ଯ୍ୟରେ ଅସହେଯାଗ କରିବେ ବୋଲି ନିଷ୍ପତି ନେଇଥିବା ଜଣାଯାଇଛି। । ଏପରିକି ଦାବି ହାସଲ ହେବା ପର୍ଯ୍ୟନ୍ତ ଅସହଯୋଗ ଜାରି ରହିବ ବୋଲି ଆୟୁଷ ଡ଼ାକ୍ତରମାନେ ସୂଚନା ଦେଇଛନ୍ତି । ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏ ସଂପର୍କୀତ ଦାବିପତ୍ର ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀମାନଙ୍କୁ ପ୍ରଦାନ କରାଯାଇଥିବା ଜଣାଯାଇଛି ।

## କିଛିଦିନ ବ୍ୟବଧାନପରେ ପୁଣି ତହସିଲଦାରଙ୍କ ଚଢ଼ାଉ, ୧୨୦୦୦୦ ଟଙ୍କା ଜୋରିମାନା ଆଦାୟ




ଚଣ୍ଡିଖୋଲ: କିଛିଦିନ ବ୍ୟବଧାନପରେ ପୁଣି ଦର୍ପଣ ତହସିଲଦାରଙ୍କ ଅଚାନକ ଚଢ଼ାଉ ଫଳରେ ବୁଧବାର ବିଳମ୍ବିତ ରାତିରେ ୪ ଟି ବେନିୟମ ଗାଡ଼ିରୁ ୧୨୦୦୦୦ ଟଙ୍କା ଜୋରିମାନା ଆକାରରେ ଆଦାୟ କରିଛନ୍ତି । ଘଟଣାରୁ ପ୍ରକାଶ ଯେ ଗତକାଲି ରାତିରେ ତହସିଲଦାର ପ୍ରଦୀପ ସେଠୀ ଓ ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁ ଏକଟିମ ଜରିଆରେ ଚଣ୍ଡିଖୋଲ ନିକଟ ଶ୍ରୀରାମପୁର ଟୋଲ ଗେଟ ନିକଟରୁ ୩ ଟି ଓଡ଼ି୦୫ ଏ ୱ୍ୱ ୧୦୦୭,ଓଡ଼ି୦୪ କ୍ୟୁ ୫୩୮୯ , ଓଡ଼ି୨୧ ମ ୫୦୦୮ ଓ ଚଣ୍ଡିଖୋଲ ପୋଲତଳୁ ୧ଓଡ଼ି୦୪ ପି ୪୮୧୨ ନ ଥିବା ହାଓ୍ବାବ ଗାଡ଼ିରୁ ୩୦୦୦୦ ଲେଖାଏ ମୋଟ ୧୨୦୦୦୦ ଟଙ୍କା ଜୋରିମାନା ଆକାରରେ ଆଦାୟ କରିଥିଲେ । ଗାଡ଼ିଗୁଡ଼ିକ ବିନା କାଗଜପତ୍ରରେ ଚିପ୍ସ ବୋଝେଇକରି ଯାଉଥିଲେ । ୫୩ ନ ଓ ୧୬ ନ ଜାତୀୟ ରାଜପଥ ଦେଇ ପ୍ରତିଦିନ ଶତାଧିକ ବିନା କାଗଜପତ୍ରରେ ବେଆଇନ ଭାବେ ଲଘୁଖଣିଜ ପଦାର୍ଥ ଚାଲାଣ ହେଉଥିଲେ ସୁଦ୍ଧା ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ ,ଡ଼ାଲିଯୋଡ଼ା ବନବିଭାଗ ଅଧିକାରୀ, ବଡ଼ଚଣା ପୋଲିସ ଓ ଟ୍ରାଫିକ ଥାନା ଅଧିକାରୀଙ୍କ ଦୃଷ୍ଟି କିପରି ନେପଡୁଛି ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟିକରିଛି ।

## ନକଲି ଶିକ୍ଷକଙ୍କ ବିରୋଧରେ ଏତଲା ଦେବାକୁ ନିର୍ଦ୍ଦେଶ ଦେଲେ ଡିଇଓ

କେନ୍ଦୁଝର: କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଭଗାମୁଣ୍ଡା ଗ୍ରାମ ପଞ୍ଚାୟତ ହାଇସ୍କୁଲ, ବାଇଲୋବେଡାର ଭାରପ୍ରାପ୍ତ ପ୍ରଧାନଶିକ୍ଷକ କମଳ ଲୋଚନ ପରିଡା ନକଲି ବିଇଡି ସାର୍ଟିଫିକେଟ ଦେଇ ଚାକିରୀ କରିଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗ ନେଇ ପଟେଲ ମହାନ୍ତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ କେନ୍ଦୁଝର ଜିଲ୍ଲା ଶିକ୍ଷା ଅଧିକାରୀ ଭାରପ୍ରାପ୍ତ ପ୍ରଧାନଶିକ୍ଷକ କମଳ ଲୋଚନ ପରିଡାଙ୍କ ବିଇଡି ସାର୍ଟିଫିକେଟ ଠିକ୍ ଅଛି କି ନାହିଁ ସେ ନେଇ ଉତ୍କଳ ବିଶ୍ୱ ବିଦ୍ୟାଳୟକୁ ଚିଠି କରିଥିଲେ। ଉତ୍କଳ ବିଶ୍ୱ ବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ବିଇଡି ସାର୍ଟିଫିକେଟ ନକଲି ବୋଲି ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରିଥିଲେ। ଏହା ପରେ ଜିଲ୍ଲା ଶିକ୍ଷା ଅଧିକାରୀ ସଂଗ୍ରାମ ସାହୁ ଚିଠି ନଂ ୧୪୧୦୪ ରେ ଭଗାମୁଣ୍ଡା ଜିପି ହାଇସ୍କୁଲ ବାଇଲୋବେଡାର ପରିଚାଳନା କମିଟି ସଭାପତିଙ୍କୁ ନକଲି ବିଇଡି ସାର୍ଟିଫିକେଟ ଦେଇଥିବା ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇ ତାଙ୍କ ବିରୋଧରେ ସ୍ଥାନୀୟ ଥାନାରେ ଏତଲା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପରିଚାଳନା କମିଟି ପକ୍ଷରୁ ଶିକ୍ଷକଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଥିବାବେଳେ ତାଙ୍କ ବିରୋଧରେ ଅଦ୍ୟାବଧି ହରିଚନ୍ଦନପୁର ଥାନାରେ ଏତଲା ଦିଆଯାଇନଥିବା ଜଣାପଡିଛି। ନକଲି ଶିକ୍ଷକ ଶ୍ରୀ ପରିଡା ୨୦୦୪ ମସିହାରେ ତାଲିମପ୍ରାପ୍ତ ସ୍ନାତକ କଳା ଶିକ୍ଷକ ଭାବେ ଏହି ବିଦ୍ୟାଳୟରେ ଯୋଗ ଦେଇଥିଲେ। ଚାକିରୀ ଆରମ୍ଭ ଦିନଠାରୁ ସରକାରଙ୍କ ତହବିଲରୁ ନେଇଥିବା ଦରମା ଫେରସ୍ତ କରିବା ପାଇଁ ଦାବୀ ହୋଇଛି। ଏ ନେଇ ହରିଚନ୍ଦନପୁର ଥାନା ଅଧିକାରିଣୀ ସୁସ୍ମିତା ଦେବତା ଙ୍କ ସହ ଯୋଗାଯୋଗ କରିବାରୁ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ କୌଣସି ଏତଲା ହୋଇନଥିବା କହିଛନ୍ତି। କେନ୍ଦୁଝର ଜିଲ୍ଲାର ସମସ୍ତ ବ୍ଲକ ଗ୍ରାଣ୍ଟ ବିଦ୍ୟାଳୟର ଶିକ୍ଷକଙ୍କ ସାର୍ଟିଫିକେଟ ଯାଂଚ କରିବାକୁ ଦାବୀ ହୋଇଛି।

## ଉବର୍ ପକ୍ଷରୁ ସ୍ୱଚ୍ଛ ଯାତାୟତ ପାଇଁ ଷ୍ଟାର୍ଟଅପ୍ ଇଣ୍ଡିଆ ଓ ଆଇକ୍ରିଏଟ୍ ସହ ସହଭାଗିତା

ଭୁବନେଶ୍ୱର : ଉବର୍ ପକ୍ଷରୁ ଦେଶରେ ଇଲେକ୍ଟ୍ରିକ୍ ଯାନଗୁଡିକର ଗ୍ରହଣୀୟତାକୁ ପରିଚାଳନା କରିବା ପାଇଁ ନୂଆ ବିଚାରଧାରାକୁ ସମର୍ଥନ କରିବା ଲାଗି ଏକ ଅଭିନବ ଫଣ୍ଡ ଉପରେ ଷ୍ଟାର୍ଟଅପ୍ ଇଣ୍ଡିଆ ଓ ଆଇକ୍ରିଏଟ୍ ସହ ସହଭାଗିତା କରାଯାଇଛି । ଷ୍ଟାର୍ଟଅପ୍ ଇଣ୍ଡିଆ ପୋର୍ଟାଲରେ ଆୟୋଜିତ ହେବାକୁ ଥିବା 'ଗ୍ରୀନ୍ ମୋବିଲିଟି ଇନୋଭେଶନ ଚ୍ୟାଲେ' ଷ୍ଟାର୍ଟଅପ୍ ଓ ବ୍ୟକ୍ତିବିଶେଷଙ୍କଠାରୁ ଆବେଦନ ଆମନ୍ତ୍ରଣ କରିଛି, ଯେଉଁମାନେ କି ନିମ୍ନଲିଖିତ ୩ଟି କ୍ଷେତ୍ରରେ ଉଦ୍ଭାବନ ଉପରେ ଗୁରୁତ୍ୱ ଦେଉଛନ୍ତି, ସେଗୁଡିକ ହେଲା: ଦୁଇ ଓ ତିନି ଚକିଆ ଯାନ, ଚାର୍ଜିଙ୍ଗ୍ ଷ୍ଟେସନଗୁଡିକର ଉପଲବ୍ଧତା ଓ ସେଗୁଡିକର ସହଜ ବ୍ୟବହାର ଏବଂ ଭାରତରେ ଇଭି ଗ୍ରହଣୀୟତାକୁ ଉନ୍ନତ କରିପାରୁଥିବା ସମ୍ଭାବ୍ୟ ସହଭାଗିତା କିମ୍ବା ଆର୍ଥିକ ମଡେଲ୍। ୫ ଜଣ ଶିଳ୍ପ ବିଶେଷଜ୍ଞଙ୍କ ଏକ ପ୍ୟାନେଲ ଦ୍ୱାରା ଚୟନ ହୋଇଥିବା ୧୦ ଜଣ ବିଜେତା ଉବର୍‌ର ଟେକ୍‌ନିକାଲ, ଇଞ୍ଜିନିୟରିଙ୍ଗ୍ ଓ ଗୋ-ଟୁ-ମାର୍କେଟ୍ ଟିମ୍ ଏବଂ ଆଇକ୍ରିଏଟ୍ ଦ୍ୱାରା ଦୁଇ ମାସର ମେଂଟରସିପ୍ ଗ୍ରହଣ କରିବେ। ୧୦ ଜଣ ବିଜେତାଙ୍କ ମଧ୍ୟରୁ ଶୀର୍ଷ ୫ଟି ଷ୍ଟାର୍ଟଅପ୍ ମଧ୍ୟରେ ଉବର୍ ୭୫ ଲକ୍ଷ ଟଙ୍କା (୧୦୧,୦୦୦ ଡଲାର)ର ଅନୁଦାନ ଆବଂଟନ କରିବା ସହିତ ଆଇକ୍ରିଏଟ୍ ଠାରେ ୬ ମାସର ଇନ୍‌କ୍ୟୁବେଶ ପ୍ରଦାନ କରିବ ଯାହା ଯୁବ ଷ୍ଟାର୍ଟଅପ୍‌ଗୁଡିକୁ ଟେକ୍ନୋଲୋଜି ଓ ସହଯୋଗ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି ।ଏହି ଚ୍ୟାଲେ ସମ୍ପର୍କରେ ମତ ରଖି ଉବର ଇଣ୍ଡିଆ ସାଉଥ୍ ଏସିଆର ଅଧ୍ୟକ୍ଷ ପ୍ରଭ୍‌ଜିତ ସିଂହ କହିଛନ୍ତି, ' ଭାରତ ହେଉଛି ବିଶ୍ୱର କିଛି ସବୁଠାରୁ ଅଧିକ ପ୍ରଦୂଷିତ ସହରଗୁଡିକର ଘର ଏବଂ ଦେଶର ଅଗ୍ରଣୀ ମୋବିଲିଟି ପ୍ଲାଟ୍‌ଫର୍ମ ଭାବେ ଆମେ ଏକ ସବୁଜ ପୁନରୁଦ୍ଧାରକୁ ପରିଚାଳନା କରିବା ନେଇ ଆମର ଭୂମିକାକୁ ଅତ୍ୟ' ଗମ୍ଭୀରତାର ସହ ନେଇଛୁ। ଦେଶର ବିକଶିତ ଇଭି ଇକୋସିଷ୍ଟମକୁ ମଜଭୁତ କରିବା ପାଇଁ ଆମେ ଦେଶରେ କ'ଣ ସବୁ ଉନ୍ନତ ବିଚାରଧାରା ରହିଛି ତାହାକୁ ଦେଖିବା ପାଇଁ 'ଉବର୍ ଗ୍ରୀନ୍ ମୋବିଲିଟି ଇନୋଭେଶନ ଚ୍ୟାଲେ'ରେ ଷ୍ଟାର୍ଟଅପ୍ ଇଣ୍ଡିଆ ଓ ଆଇକ୍ରିଏଟ୍ ସହ ସହଭାଗିତା କରିଛୁ।'ସେହିପରି ଇନ୍‌ଭେଷ୍ଟ ଇଣ୍ଡିଆର ଏମ୍‌ଡି ଓ ସିଇଓ ଦୀପକ ବାଗ୍‌ଲା କହିଛନ୍ତି, 'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ବିଶେଷ କରି ଏସ୍‌ଡିଜି ଲକ୍ଷ୍ୟକୁ ପୂରଣ କରିବା ପାଇଁ ଇଲେକ୍ଟ୍ରିକ୍ ମୋବିଲିଟି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଷ୍ଟାର୍ଟଅପ୍‌ଗୁଡିକୁ ସଶକ୍ତ କରିବା ଦିଗରେ କାର୍ଯ୍ୟ କରୁଛି।'ଆଇକ୍ରିଏଟ୍‌ର ବିଜ୍‌ନେସ୍ ହେଡ୍ ରାଜିବ ବୋଷ୍ କହିଛନ୍ତି, ' ଔଦ୍ୟୋଗିକ ପୁଁର ବିକାଶକୁ ପ୍ରୋତ୍ସାହିତ କରିବା ହେଉଛି ଆମର ଲକ୍ଷ୍ୟ ଯାହା ଉଦ୍ଭାବନ ଓ ଟେକ୍ନୋଲୋଜିକୁ ଉପଯୋଗ କରୁଛି । ଉବର୍ ଇଣ୍ଡିଆ ସହ ସହଭାଗିତା କରି ଆମେ ଦେଶବ୍ୟାପୀ ଷ୍ଟାର୍ଟଅପ୍‌ଗୁଡିକ ନିକଟରେ ପହଂଚି ସମାନ ଲକ୍ଷ୍ୟକୁ ଏକ ବୃହତ୍ ସ୍ତରରେ ଆଗକୁ ବଢାଉଛୁ।'ଉବର୍ ୨୦୨୫ ସୁଦ୍ଧା ହଜାର ହଜାର ଡ୍ରାଇଭର୍‌ଙ୍କୁ ଇଭିକୁ ରୂପାନ୍ତର ହେବାରେ ଓ ୨୦୪୦ ସୁଦ୍ଧା ବିଶ୍ୱବ୍ୟାପୀ ୧୦୦% ନିର୍ଗମନମୁକ୍ତ ରାଇଡ୍‌ରେ ସାହାଯ୍ୟ କରିବା ଦିଗରେ ସଂଶାଧନରେ ୮୦୦ ମିଲିୟନ ଡଲାରର ସହାୟତା ରାଶି ଘୋଷଣା କରିଥିଲା। ଭାରତରେ କମ୍ପାନୀର ଉତ୍ପାଦଗୁଡିକ କ୍ଷେତ୍ରରେ ଏହାର ପ୍ଲାଟଫର୍ମରେ ୫୫୦୦ରୁ ଅଧିକ ଇଭି ରହିଛି ଏବଂ ନିକଟରେ ଦିଲ୍ଲୀ ପ୍ରଥମ ଭାରତୀୟ ସହରରେ ପରିଣତ ହୋଇଛି ଯେଉଁଠାରେ ରାଇଡର୍‌ମାନେ ଉବର୍ ଆପ୍‌ରେ ଇ-ରିକ୍‌ସା ବୁକ୍ କରିପାରିବେ।

## ପୂର୍ବତଟ ରେଳପଥ ୱାଲ ମାଗାଜିନ 'ଅତସୀ କୁସୁମ' ପ୍ରକାଶିତ

ଭୁବନେଶ୍ୱର: ପୂର୍ବତଟ ରେଳପଥ ୱାଲ ମାଗାଜିନ ଅତସୀ କୁସୁମର ଦେଶପ୍ରେମ ଉତ୍ସାହ ସଂସ୍କରଣ ଆଜି ପ୍ରକାଶ କରାଯାଇଛି । ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାର ଏହି ସ୍ୱତନ୍ତ୍ର ସଂସ୍କରଣକୁ ରେଳପଥର ବରିଷ୍ଠ ଉପମହାପ୍ରବନ୍ଧକ ତଥା ମୁଖ୍ୟ ସତର୍କତା ଅଧିକାରୀ ସଞ୍ଜୟ ମହାପାତ୍ରଙ୍କ ଉପସ୍ଥିତିରେ ଉନ୍ମୋଚନ କରିଛନ୍ତି ଯେଉଁଠାରେ ଲେଖକ, କ୍ଷୁଦ୍ର ଗାଳ୍ପିକ ଏବଂ କବିମାନେ ସେମାନଙ୍କ ପ୍ରବନ୍ଧ ଏବଂ କବିତାରେ ନୂତନ ଭାରତ ସମ୍ବନ୍ଧରେ ଉପସ୍ଥାପନ କରିଛନ୍ତି । ସାହିତ୍ୟ ଏବଂ କଳା କ୍ଷେତ୍ରରେ କର୍ମଚାରୀ ଏବଂ ସେମାନଙ୍କ ପିଲାମାନଙ୍କର ଅନ୍ତର୍ନିହିତ ଗୁଣ ଏବଂ ସୃଜନଶୀଳ ପ୍ରତିଭାକୁ ପ୍ରକାଶ କରିବାକୁ ପୂର୍ବତଟ ରେଳପଥର ୱାଲ୍ ମ୍ୟାଗେଜିନ ଏକ ବିଶେଷ ମାଧ୍ୟମ ପ୍ରଦାନ କରିପାରିଛି ।

## ମହାଖଳା ଆଶ୍ରମବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ




ଚଣ୍ଡିଖୋଲ : ବଡ଼ଚଣା ବ୍ଲକ ଅନ୍ତର୍ଗତ ଭୂଷଣ୍ଡପୁର ପଂଚାୟତ ମହାଖଳା ଆଶ୍ରମବିଦ୍ୟାଳୟରେ ବୁଧବାର କୋଭିଡ -୧୯ ନିୟମାନୁସାରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହେଇଯାଇଛି । ଏହି ଉତ୍ସବରେ ଭୂଷଣ୍ଡପୁର ପଂଚାୟତ ସରପଂଚ ତଥା ପରିବେଶବିତ ଯଯାତି କେଶରୀ ରାଉତ ମୁଖ୍ୟ ଅତିଥିଭାବେ ଯୋଗାଦେଇ କୁନିକୁନି ପିଲାମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ଆସିଥିବା ପୋଷାକକୁ ବିତରଣ କରିଥିଲେ। ସେହିପରି ୧୬ ନ ଜିଲ୍ଲାପରିଷଦ ସଭ୍ୟା ବିନୋଦିନୀ ସାହୁ ,ସିଆରସି କୈଳାଶ ଚନ୍ଦ୍ର ନାୟକ ,ସ୍ୱପ୍ନେଶ୍ୱର ଜେନା ଓ ସମାଜସେବୀ ଜଗନାଥ ମୁଦୁଲି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପୋଷାକ ବିତରଣ ଦ୍ୱାରା ଅଧିକ ପିଲାବିଦ୍ୟାଳୟକୁ ଆକୃଷ୍ଟ ହେଇ ଆସିବେ ବୋଲି କହିଥିଲେ । ସମୁଦାୟ ୨୧୫ ଜଣ ପିଲାଙ୍କୁ ୨ ବର୍ଷ ପାଇଁ ପୋଷାକ ପ୍ରଦାନ କରାଯାଇଥିଲା ।

## ରଙ୍ଗ ପରିବର୍ତ୍ତନ ନିଷ୍ପତ୍ତି କୋଟି କୋଟି ଟଙ୍କାର କ୍ଷତି ଭରଣା କରିବ କିଏ

କେନ୍ଦୁଝର: ସରକାର ୫ଟି ହାଇସ୍କୁଲ ଟ୍ରାନ୍ସଫର୍ମେସନ ଅଧିନରେ କେନ୍ଦୁଝର ଜିଲାର ପ୍ରଥମ ପର୍ଯ୍ୟାୟରେ ୧୦୦ଟି ଉଚ୍ଚ ବିଦ୍ୟାଳୟର ଭିତ୍ତିଭୂମିର ବିକାଶ କରୁଛନ୍ତି। କେନ୍ଦୁଝର ଜିଲ୍ଲାରେ ୬୦ଟି ବିଦ୍ୟାଳୟ ଅକ୍ଟୋବର ୨ ତାରିଖରେ ଉଦ୍‌ଘାଟନ ହେବାର ଯୋଜନା ରହିଛି। ଅବଶିଷ୍ଟ ବିଦ୍ୟାଳୟ ନଭେମ୍ବର ୧୪ରେ ଉଦ୍‌ଘାଟନ ହେବ। ଏସବୁ ବିଦ୍ୟାଳୟକୁ ସ୍ମାର୍ଟ କରିବା ପାଇଁ ମୋ ସ୍କୁଲ ଅଭିଯାନ,ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଯୋଜନା(ମୁକ୍ତା),ଓମ୍ୱାଡ୍‌ସି,ଡିଏମ୍‌ଏଫ୍ ଓ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ପକ୍ଷରୁ ଅନୁଦାନ ପ୍ରଦାନ କରାଯାଉଛି। ନଭେମ୍ବର ଶେଷ ସୁଦ୍ଧା ଏହି ସବୁ ବିଦ୍ୟାଳୟର ଚେହେରା ବଦଳିବ। ମାତ୍ର ଅନୁଦାନ ଅର୍ଥ ସଠିକ୍ ତଦାରଖ ହେଉନଥିବାରୁ କେଉଁଠାରେ କାମର ମାନ କୁ ପ୍ରଶ୍ନ ଉଠିଛି ତ କେଉଁଠାରେ ଭଙ୍ଗା ଘରେ ରଙ୍ଗ ଏବଂ ଟାଇଲ ପକାଇ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟ ହେଉଛି। ଅନଭିଜ୍ଞ ଲୋକଙ୍କ ଦ୍ୱାରା ତଦାରଖ ହେଉଥିବାରୁ ଏଭଳି କାମ ହେଉଥିବା ଆଲୋଚନା ହେଉଛି। ବିଦ୍ୟାଳୟ ରୂପାନ୍ତରୀକରଣ କ୍ଲାସ ରୁମ,ବାରଣ୍ଡା ଏବଂ ସ୍କୁଲ ବାହାର ରଙ୍ଗ କରାଯାଉଛି। ଅଧିକାଂଶ ବିଦ୍ୟାଳୟରେ ଗୋଲାପି ରଙ୍ଗ ମରାଯିବା ପରେ ଏବେ ପୁଣି ବିଦ୍ୟାଳୟ ସମ୍ମୁଖ ଭାଗ ରଙ୍ଗ ପରିବର୍ତ୍ତନ ନିଷ୍ପତ୍ତି ନିଆଯାଇ ଏବେ ହାଲକା ସବୁଜ ରଙ୍ଗ ମାରିବାକୁ ସରକାରୀସ୍ତରରେ ନିଷ୍ପତ୍ତି ହୋଇଛି। ବିଳମ୍ବରେ ନିଷ୍ପତ୍ତି ହୋଇଥିବାରୁ ସରକାରଙ୍କ ବ୍ୟାପକ କ୍ଷତି ହେବ। ତେବେ ଏଥିପାଇଁ ସରକାରଙ୍କ ଦୋହରା ଖର୍ଚ୍ଚ ହେଉଥିବା ଚର୍ଚ୍ଚା ହେଉଛି। ବିଦ୍ୟାଳୟଗୁଡିକରେ ପ୍ରଥମେ ଗୋଲାପି ରଙ୍ଗ ଥିଲା। ଏବେ ହଠାତ୍ ସବୁଜ ରଙ୍ଗ କରିବା ଦ୍ୱାରା ରାଜସ୍ୱ କ୍ଷତି ହେବ ବୋଲି ସଦର ବିଧାୟକ ମୋହନ ଚରଣ ମାଝୀ ଅଭିଯୋଗ କରିଛନ୍ତି। ଏଥିପାଇଁ ଯେଉଁ କ୍ଷତି ହେବ ତାହାର ଭରଣା କିଏ କରିବ ବୋଲି ସେ ପ୍ରଶ୍ନ କରିଛନ୍ତି। ପ୍ରଶାସନ ବିନା ଯୋଜନାରେ ଏହି କାମ କରୁଛି। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ମୋଚିବନ୍ଧ ହାଇସ୍କୁଲର ପୁରୁଣା ଅସୁରକ୍ଷିତ ଘର ଭଙ୍ଗା ନଯାଇ ମରାମତି କରାଯାଉଛି। ବାହାର ରଙ୍ଗ ପରିବର୍ତ୍ତନ ଯୋଗୁଁ ପୂର୍ବରୁ ମରାଯାଇଥିବା ରଙ୍ଗ ନଷ୍ଟ ହେବ ଏବଂ ଲକ୍ଷାଧିକ ଟଙ୍କା କ୍ଷତି ହେବ। ରଙ୍ଗ ପରିବର୍ତ୍ତନ ପରେ ଏହି ଅର୍ଥ କାହାଠାରୁ ଭରଣା କରାଯିବ ତାହା ଏବେ ପ୍ରଶ୍ନବାଚୀ ହୋଇଛି। ବିଭାଗୀୟ ଯନ୍ତ୍ରୀ ଏବଂ ଅଧିକାରୀ ସଠିକ୍ ଭାବେ ତଦାରଖ କରୁନଥିବା ଅଭିଯୋଗ ହୋଇଛି।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
● Surveillance through CCTV Camera ● Small Classes ● Congenial Environment ● Intimate, Safe & Secured Place ● Experienced & loving teachers ● Individual attention to each child ● Spacious Playground ● AC Activity Room ● Transport Facilities

TUITION CLASSES for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray